## ସଂକ୍ଷେପରେ

### ବାର୍ହା ମାଂସ ଜବତ: ଜଣେ ଗିରଫ



**କଳିଙ୍ଗନଗର,୩।୭(ଡି.ଏନ.ଏ.):** ଟମକା ବନାଞ୍ଚଳର ମହାଗିରି ସଂରକ୍ଷିତ ଜଙ୍ଗଲରୁ ବାରହା ମାଂସ ଜବତ କରାଯିବା ସହ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଫୁଲଝର ଅଞ୍ଚଳର ବାବୁଲି ହନହଗା(୫୫)। ଶନିବାର ମହାଗିରି ଜଙ୍ଗଲରେ କେତେଜଣ ଶିକାରୀ ବନ୍ୟଜନ୍ତୁ ଶିକାର ନିମନ୍ତେ ଫାଶ ବସାଇଥିଲେ। ଉକ୍ତ ଫାଶରେ ଏକ ବାରହା ଫସି ଯାଇଥିଲା। ତାକୁ ମାରି ମାଂସକୁ ବିକ୍ରି ନିମନ୍ତେ ଶିକାରୀ କାଟୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ଚଢ଼ାଉ କରିଥିଲେ। ଏହାଦେଖି କେତେଜଣ ଶିକାରୀ ଖସି ପଳାଇଥିଲେ। ବାବୁଲି ଖସି ପାରି ନ ଥିଲେ। ଫଳରେ ବନ ବିଭାଗ କର୍ମଚାରୀ ୬୫ କେଜି ବାରହା ମାଂସ, ଧନୁ ତୀର ଜବତ କରିବା ସହ ବାବୁଲିଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ବାବୁଲିଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜର ଘନଶ୍ୟାମ ମୁଦୁଲି ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା (ନଂ. ୫୯/୨୧) ରୁଜୁ ହୋଇଛି।

### ଜଳିଗଲା ୩ ବଖରା



**ଯାଜପୁର ଟାଉନ,୩।୭(ଡି.ଏନ.ଏ.):** ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତର ଦଳିତ ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ସାହିର ମନୋଜ ଜେନାଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ତାଙ୍କର ଗୋଟିଏ ଗୋରୁ ମରିଥିବା ବେଳେ ୩ ଗୋରୁ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ମନୋଜଙ୍କ ବାପା ଦିଜ ଜେନା ଆହତ ହୋଇ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲେ ମଧ ମନୋଜଙ୍କ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଯାଜପୁର ଅତିରିକ୍ତ ତହସିଲଦାରଙ୍କ ସମେତ ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ ବିଶ୍ୱାଳ ଓ ଆରଆଇ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ସେହିପରି ଉକ୍ତ ଅଗ୍ନିକାଣ୍ଡରେ ସାହିର ଜଣେ ମହିଳାଙ୍କ ଘର ମଧ ପୋଡ଼ି ଯାଇଥିବା ଜଣାପଡ଼ିଛି।

### ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଚଣ୍ଡିଖୋଲ,୩।୭(ଡି.ଏନ.ଏ.):** ଯାଜପୁର ଜିଲା ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଦର୍ପଣ ତହସିଲଦାରଙ୍କ ନେତୃତ୍ୱରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସମୟରେ ୩ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ପରେ ଉକ୍ତ ଟ୍ରାକ୍ଟରଗୁଡ଼ିକଠାରୁ ୩୦,୮୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ମାଣ୍ଡୁକା ପାହାଡ଼, ଧାଉଡ଼ିଆପଦା ପାହାଡ଼, ବିରୂପା ଓ କେଲୁଅ ନଦୀର ବେଆଇନ ଖାଦାନରେ ଚଢ଼ାଉ କରାଯାଇଥିଲା। ବାଲିକୁଦା ନିକଟସ୍ଥ କେଲୁଅ ନଦୀ ଘାଟରୁ ବେଆଇନ ବାଲି ବୋଝେଇ କରି ଆସୁଥିବା ଉକ୍ତ ୩ ଟ୍ରାକ୍ଟର ଜବତ କରାଯାଇଥିଲା।

# ଗୋଚାଲାଣ ର୍ୟାକେଟ୍ ସକ୍ରିୟ

**ଚଣ୍ଡିଖୋଲ,୩।୭(ଡି.ଏନ.ଏ.)**

■ ରାଜ୍ୟ ବାହାରକୁ ଚାଲାଣ ହେଉଛି
■ ଅସାମାଜିକ ଯୁବକଙ୍କ ସମ୍ପୃକ୍ତି ରହୁଛି

୧୫ ମାସ ହେଲା କୋଭିଡ୍ କଟକଣା ଯୋଗୁ ଗୋରୁ ହାଟ ବନ୍ଦ ରହିଛି। ଫଳରେ ଚାଷୀମାନେ ସେମାନଙ୍କ ଗୋରୁଙ୍କୁ ହାଟକୁ ନେଇ ପାରୁନାହାନ୍ତି। ତେଣୁ ଏହାର ସୁଯୋଗ ନେଇ କେତେଜଣ ଗୋରୁ ବେପାରୀ ଗ୍ରାମାଞ୍ଚଳରେ ବୁଲି ବୁଲି ଗୋରୁ କିଣି ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। କୋଭିଡ୍ କଟକଣା ଯୋଗୁ ରାସ୍ତା ଗହଳି ନ ଥିବାରୁ ଗୋରୁ ବେପାରୀମାନେ ରାତିରେ ଗୋଚାଲାଣ କରୁଛନ୍ତି। ଏହି ଗୋଚାଲାଣରେ ଏକ ବଡ଼ ର୍ୟାକେଟ କାମକରୁଛି। ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି କେତେଜଣ ଯୁବକ ଏହାର ସୁରକ୍ଷା ଦେଉଥିବା ଆଲୋଚନା ହେଉଛି। ହେଲେ ପୋଲିସ ଜାଣିଶୁଣି ନୀରବଦ୍ରଷ୍ଟା ସାଜୁଛି। ତେଣୁ ଏହାକୁ ନେଇ ବଡ଼ଚଣା ବ୍ଲକ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏଦିଗରେ ପୋଲିସ ପଦକ୍ଷେପ ନେବାକୁ ଦାବି ହୋଇଛି। ବ୍ଲକର ନଳୀପୁର, ଦର୍ପଣ ଓ ନେଳିଆ ଅଞ୍ଚଳର ଗ୍ରାମାଞ୍ଚଳରୁ ଗୋରୁ କିଣାଯାଉଛି। ରାତି ହେଲେ ଟ୍ରକ୍ ଓ କଣ୍ଟେନର ସାହାଯ୍ୟରେ ଏହାକୁ ଭଦ୍ରକ ଓ କୋଲକାତାକୁ ଚାଲାଣ କରାଯାଉଛି। ଏହି ଚାଲାଣ ର୍ୟାକେଟ୍ ମଧ୍ୟରେ କେତେଜଣ ଅସାମାଜିକ ଯୁବକଙ୍କ ସମ୍ପୃକ୍ତି ରହୁଛି। ସେମାନେ ବୋଲେରୋ ଧରି ଗୋରୁ ଗାଡ଼ିଗୁଡ଼ିକୁ ବିଭିନ୍ନ ଛକ ବଜାରରେ ପାସ୍ କରାଉଛନ୍ତି।

ସେହିପରି ସାଲେପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳରୁ କେତେକ ଗୋରୁଗାଡ଼ି ବାଲିଚନ୍ଦ୍ରପୁର ଅଞ୍ଚଳ ଦେଇ ଅତିକ୍ରମ କରୁଛି। କେତେଜଣ ଯୁବକ ବିଭିନ୍ନ ସଂଗଠନର ପଦପଦବୀରେ ରହିଥିବା କହି ଏହି ଗୋଚାଲାଣ ର୍ୟାକେଟରେ ସକ୍ରିୟ ଅଛନ୍ତି। ସେମାନେ ପୋଲିସ୍ ସହିତ ସଂପର୍କ ରକ୍ଷା କରି ଏହି ଗାଡ଼ିଗୁଡ଼ିକୁ ଅତିକ୍ରମ କରିବାରେ ସାହାଯ୍ୟ କରୁଛନ୍ତି। କିଛି ଦିନ ତଳେ ଦର୍ପଣଠାରେ ଗୋଚାଲାଣ ହେଉଥିବା ଖବର ପାଇ ସ୍ଥାନୀୟ ଯୁବକମାନେ ବଡ଼ଚଣା ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗୋରୁ ଗାଡ଼ି ଜବତ କରିଥିଲା। କେନ୍ଦ୍ରାପଡ଼ା ଅଞ୍ଚଳରୁ ନଳୀପୁରକୁ ଆସୁଥିବା ଏକ ଗୋରୁ ବୋଝେଇ ଗାଡ଼ିକୁ ବାଲିଚନ୍ଦ୍ରପୁର ପୋଲିସ ଜବତ କରିବା ସହ ଗୋରୁ ଗୁଡ଼ିକୁ ଉଦ୍ଧାର କରିଥିଲା। ଗତ ମାସକ ମଧ୍ୟରେ ଦୁଇଟି ଘଟଣା ଏହି ଗୋଚାଲାଣ ର୍ୟାକେଟ୍ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହି ଥାନା ଅଞ୍ଚଳଦେଇ ୧୬ ନଂ. ଓ ୫୩ ନଂ. ଜାତୀୟ ରାଜପଥ ଯାଇଥିବାରୁ ଭଦ୍ରକ ଓ କୋଲାକାତାକୁ ଗୋଚାଲାଣ ସହଜ ହେଉଛି। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ବିଜୟିନୀ ମଲ୍ଲ କହିଛନ୍ତି, ଆଗକୁ ଚଢ଼ାଉ ଜୋରଦାର ହେବ। ଗୋଚାଲାଣରେ ଯଦି କୌଣସି ର୍ୟାକେଟ କାମ କରୁଥାନ୍ତି, ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାସ୍ତା ମରାମତିରେ ଅନିୟମିତତା ଅଭିଯୋଗ

**ବରୀ,୩।୭(ଡି.ଏନ.ଏ.)**



ରାସ୍ତା ପାର୍ଶ୍ୱରେ ବାଲି ଜମା ହୋଇଛି।

■ ମାଟି ବଦଳରେ ବ୍ୟବହୃତ ହେଉଛି ବାଲି
■ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ହେବା ଆଶଙ୍କା

ବରୀ ବ୍ଲକ ଅଧୀନ କମ୍ପଗଡ଼ଠାରୁ ମହାକାଳପଡ଼ା ଦେଇ ଗମୁ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଫଳରେ ଯାତାୟାତରେ ନାନା ଅସୁବିଧା ହେଉଥିଲା। ଏନେଇ ଜନ ଅସନ୍ତୋଷ ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ଉନ୍ନତୀକରଣ ନିମନ୍ତେ ୩ କୋଟି ୨୭ ଲକ୍ଷ ୪୧ ହଜାର ୨୪୮ ଟଙ୍କା ମଞ୍ଜୁର କରାଯାଇଛି। ଏକ ଠିକା ସଂସ୍ଥା ୧୫।୦୪।୨୦୨୧ରୁ ଉକ୍ତ କାର୍ଯ୍ୟ ଆରମ୍ଭ କରି ୧୪।୧୦।୨୦୨୧ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଚୁକ୍ତିବଦ୍ଧ ହୋଇଛି। ଉକ୍ତ କାର୍ଯ୍ୟ ମଧ୍ୟରେ ବକ୍ସ କଲଭର୍ଟ, ପାଚେରି ଓ ଡ୍ରେନ ନିର୍ମାଣ କରାଯିବାକୁ ବ୍ୟୟ ଅଟକଳରେ ଉଲ୍ଲେଖ ରହିଛି। ରାସ୍ତା କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଆରମ୍ଭ ନ ହୋଇ ୧୨।୦୬।୨୦୨୧ରେ ଆରମ୍ଭ ହୋଇଛି। ଫଳରେ ରାସ୍ତାର ବିଭିନ୍ନ ସ୍ଥାନ ଖୋଳାଯାଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁ ଲୋକେ ଯାତାୟାତ କରିପାରୁନାହାନ୍ତି, ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। ଏଠାରେ ଦାୟିତ୍ୱରେ ଥିବା ଠିକା ସଂସ୍ଥା ବ୍ୟୟ ଅଟକଳକୁ ଗୁରୁତ୍ୱ ନ ଦେଇ ମନମୁଖି ଭାବେ ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ବଦଳରେ ବାଲି ପକାଉଛନ୍ତି, ଯଦ୍ୱାରା ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ରାସ୍ତାରେ ରତ୍ନଗିରି, ଅମଠପୁର, ମହାକାଳପଡା, ଗମୁଁ ଆଦି ପଞ୍ଚାୟତର ଲୋକମାନେ କେନ୍ଦ୍ରାପଡ଼ାର ତୁଳସୀକ୍ଷେତ୍ର, କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ, ଇନ୍ଦୁପୁର ବ୍ୟବସାୟିକ ପ୍ରତିଷ୍ଠାନ, ବିରୂପା ମହାବିଦ୍ୟାଳୟ, ସର୍ବପୁରାତନ ଡାକଘରକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ସମ୍ପୃକ୍ତ ଠିକା ସଂସ୍ଥା ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିଥିବାରୁ ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅଲେଖ ବେହେରା କହିଛନ୍ତି, ସମ୍ପୃକ୍ତ ଠିକା ସଂସ୍ଥାକୁ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଯାତାୟାତରେ ଯେପରି ଅସୁବିଧା ନ ହେବ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ ରାସ୍ତା କଡ଼ରେ ମାଟି ଉପରେ ୬ ଇଞ୍ଚ୍ ବାଲି ପଡ଼ିବାର ନିୟମ ରହିଛି। ଯଦି ସମ୍ପୃକ୍ତ ଠିକା ସଂସ୍ଥା ଏସବୁକୁ ଗୁରୁତ୍ୱ ନ ଦେଇ କୌଣସି ବେଆଇନ କାର୍ଯ୍ୟ କରିଥାନ୍ତି ତାହା ମାପ ପରିମାପର ଅନ୍ତର୍ଭୁକ୍ତ ହେବ ନାହିଁ।

# ମା' ମୃତଦେହ କାନ୍ଧରେ ବୋହିଲେ ପୁଅ

**ଡେରାବିଶ,୩।୭(ସ୍ୱ.ପ୍ର.)**

ମା' ମୃତଦେହକୁ ପୁଅ କାନ୍ଧରେ ବୋହି ଡାକ୍ତରଖାନା ଶବଗୃହକୁ ନେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଅଭାବନୀୟ ଘଟଣା ଘଟିଛି। ଏ ସମ୍ପର୍କରେ ମୃତା ମହିଳାଙ୍କ ଦୁଇ ପୁଅ ଶନିବାର ଟାଉନ୍ ଥାନା ଅଧିକାରୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଛି।

ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବରାହିଲୋ ଗ୍ରାମର ନିତ୍ୟାନନ୍ଦ ପଣ୍ଡା ଓ ତାଙ୍କ ଭାଇ କାର୍ତ୍ତିକେଶ୍ୱର ପଣ୍ଡା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗତ ବୁଧବାର ସନ୍ଧ୍ୟାରେ ତାଙ୍କ ମା'ଦୁଃଖୀ ଦେବୀ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଡେରାବିଶ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମା'ଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାତି ହୋଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ମା'ଙ୍କ ମୃତଦେହକୁ ଚିକିତ୍ସାଳୟଠାରୁ ଦୂରରେ ଥିବା ଶବ ସଂରକ୍ଷିତ ଗୃହକୁ ନେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସହଯୋଗ କରି ନ ଥିଲେ। ମୃତଦେହ ସେଠାକୁ ନେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦିଆଯାଇଥିବା ଷ୍ଟ୍ରେଚର ରକ୍ତ ଜୁଡୁବୁଡୁ ଥିଲା। ତେଣୁ ନିତ୍ୟାନନ୍ଦ ଏକ ଭଲ ଷ୍ଟ୍ରେଚର କିମ୍ବା ମୃତଦେହ ବାହକ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ହେଲେ କେହି ତାଙ୍କ କଥା ଶୁଣି ନ ଥିଲେ। ଶେଷରେ ମା'ଙ୍କ ମୃତଦେହକୁ କାନ୍ଧରେ ପକାଇ ନିତ୍ୟାନନ୍ଦ ଶବଗୃହ ପର୍ଯ୍ୟନ୍ତ ଯାଇଥିଲେ। ଏ କଥା ଜଣାପଡ଼ିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳାକୁ ସାଧାରଣରେ ବିରୋଧ କରାଯାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲା ଭାଜପା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।



ନିତ୍ୟାନନ୍ଦଙ୍କ କାନ୍ଧରେ ମା'ଙ୍କ ମୃତଦେହ।

# ୬ ଦୋକାନ ସିଲ କଲା ପୋଲିସ



ଏକ ଦୋକାନକୁ ପୋଲିସ କର୍ମଚାରୀମାନେ ସିଲ୍ କରୁଛନ୍ତି।

**ଧର୍ମଶାଳା,୩।୭(ଡି.ଏନ.ଏ.)**

ଶଟ୍‌ଡାଉନରେ ଦୋକାନ ଖୋଲିବା ବ୍ୟବସାୟୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଧର୍ମଶାଳା ପୋଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ଶନିବାର ଜାରକା, ଶାନ୍ତିବଜାର ଓ କାଏମାରେ ଚଢ଼ାଉ କରାଯାଇ ୬ଟି ଦୋକାନ ସିଲ କରାଯାଇଛି। ସିଲ ହୋଇଥିବା ଦୋକାନଗୁଡ଼ିକ ମଧ୍ୟରେ ଗ୍ରସେରି, ପାନ ଦୋକାନ, ଷ୍ଟେସନେରି, କାର୍ପେଣ୍ଟର ଶପ୍ ସପ ଆଦି ରହିଛି। ସୂଚନାଯୋଗ୍ୟ, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସପ୍ତାହାନ୍ତ ଶଟଡାଉନ ବଳବତ୍ତର ରଖିଛନ୍ତି। ଶନିବାର ଓ ରବିବାର ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି। ତଥାପି କେତେଜଣ ଅସାଧୁ ବ୍ୟବସାୟୀ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲୁଥିବା ନଜରକୁ ଆସୁଛି। ଫଳରେ ଅମାନିଆ ବ୍ୟବସାୟୀଙ୍କୁ ସାବାଡ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଚଢ଼ାଉରେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ, ଅତିରିକ୍ତ ତହସଲିଦାର ଶୀତଲ ଅଗ୍ରୱାଲ ଓ ଜାରକା ବିଟ୍ ହାଉସ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

# ନିଖୋଜ ନାବାଳକଙ୍କ ମୃତଦେହ ମିଳିଲା

**କୋରେଇ,୩।୭(ଡି.ଏନ.ଏ.)**

ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ଶନିବାର ବୈତରଣୀ ନଦୀ ନିକଟ ନିଶଙ୍କପୁର ପାଟ ଅଞ୍ଚଳରୁ ମିଳିଛି। ସେ ହେଲେ କୋରେଇ ବ୍ଲକ ମକୁନ୍ଦପୁର ଗ୍ରାମର ବାସୁଦେବ ଦାସଙ୍କ ପୁଅ ତ୍ରିଲୋଚନ(୧୨)। ଶୁକ୍ରବାର ରାତିରେ ତ୍ରିଲୋଚନ ନିଖୋଜ ହୋଇ ଯାଇଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ କୋରେଇ ଥାନରେ ଅଭିଯୋଗ କରାଯାଇଥିଲା। ପୋଲିସ ୧୯୪/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୃତଦେହ ଜବତ ବେଳେ ତ୍ରିଲୋଚନଙ୍କ ନାକରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା। ତେବେ ତ୍ରିଲୋଚନଙ୍କ କିପରି ମୃତ୍ୟୁ ହେଲା ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ରସୁଲପୁର,୩।୭(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀ ପ୍ରତାରଣାର ଶିକାର ହୋଇଛନ୍ତି। ଜଣେ ଯୁବକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ବିବାହ କରିବାକୁ ମନା କରି ଦେଇଛନ୍ତି। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜେନାପୁର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗାଁର ପବିତ୍ର ମଲ୍ଲିକ। ସୂଚନା ଅନୁସାରେ, ସମ୍ପୃକ୍ତ ଯୁବତୀଙ୍କ ସହ ପବିତ୍ରଙ୍କ ପ୍ରେମ ସମ୍ପର୍କ ଥିଲା। ଉଭୟ ଜୁନ୍ ୧୫ରେ ଫେରାର ହୋଇଯାଇଥିଲେ। ଜୁଲାଇ ୧ରେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ମତାନ୍ତର ହୋଇଥିଲା। ଏହାକୁ କେନ୍ଦ୍ରକରି ପବିତ୍ର ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବେ ନାହିଁ ବୋଲି ମନା କରି ଦେଇଥିଲେ। ତେଣୁ ଯୁବତୀ ନିରାଶ ହୋଇ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୨୯/୨୧) ରୁଜୁ ହୋଇଛି।

# ଥାନା ପୋଲିସ ନୀରବଦ୍ରଷ୍ଟା, ଏସ୍‌ପିଙ୍କୁ ଭେଟିଲେ ଲୋକେ

**ଯାଜପୁର ଅଫିସ/ ପାଣିକୋଇଲି(ଡି.ଏନ୍.ଏ.),୩।୭**



ମିଳିତ କ୍ରିୟାନୁଷ୍ଠାନ କମିଟିର ସଭ୍ୟମାନେ ଏସ୍‌ପିଙ୍କୁ ଭେଟିବାକୁ ଆସିଛନ୍ତି।

ଯାଜପୁର ଜିଲାର ଥାନା ପୋଲିସ ଉପରେ ସାଧାରଣ ଜନତାଙ୍କ ଭରସା ତୁଟିବାରେ ଲାଗିଛି। ମାମଲା ରୁଜୁ ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଲୋକେ କ୍ରମାଗତ ଭାବେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଉଛନ୍ତି। ଶନିବାର ପୁଣି ଏଭଳି ଘଟିଛି। ଯାଜପୁର ସଦର ଥାନାରେ ଏକ ମାମଲାର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଯାଜପୁର ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭ୍ୟମାନେ ଶନିବାର ଏସ୍‌ପି ରାହୁଲ ପି.ଆର୍.ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ କୁଆଖିଆ ଥାନା ଅନ୍ତର୍ଗତ ଓରାଳି ଗ୍ରାମର କେଶବ ମଲିକଙ୍କ ପୁଅ ଅଭିମନ୍ୟୁ ଗତ ମେ ୨୦ ତାରିଖରେ ଯାଜପୁର ସଦର ଥାନା ଅନ୍ତର୍ଗତ କଣ୍ଟାବଣିଆ (ଘୋଳପୁର) ଗ୍ରାମର ରବୀନ୍ଦ୍ର ମଲିକଙ୍କ ଝିଅ ସବିତା (୨୨)କୁ ପ୍ରେମ ବିବାହ କରିଥିଲେ। ମାତ୍ର ରବୀନ୍ଦ୍ର ସଦର ପୋଲିସ ସହାୟତାର ବାରମ୍ବାର କେଶବଙ୍କ ଘରକୁ ଆସି ମାନସିକ ନିର୍ଯାତନା ଦେଉଥିଲେ। ଏ ନେଇ ସବିତା ତାଙ୍କ ବାପା ରବୀନ୍ଦ୍ରଙ୍କ ନାମରେ ଗତ ଜୁନ ୭ରେ ଯାଜପୁର ଏସ୍‌ଡିଜେଏମ୍ କୋର୍ଟରେ ମାମଲା ରୁଜୁ କରିଥିଲେ। ଏହାପରେ ଯାଜପୁର ଏସ୍‌ଡିପିଓ ମିଳିତ କ୍ରିୟାନୁଷ୍ଠାନ କମିଟିର ଜିଲା ସଭାପତି ଗୟାଧର ମଲ୍ଲିକଙ୍କୁ ଘଟଣାର ସମାଧାନ ଓ ସବିତାଙ୍କ ବୟାନ ନେବା ପାଇଁ କହିଥିଲେ। ପରବର୍ତ୍ତୀ ସମୟରେ ଥାନାଧିକାରୀଙ୍କ ଉପସ୍ଥିତିରେ ଗତ ୧୮ ତାରିଖ ସେମାନଙ୍କ ବୟାନ ନିଆଯାଇଥିଲା। ସ୍ୱାମୀ ଓ ଶ୍ୱଶୁରଙ୍କ ସହ ସବିତା ଥାନାରୁ ଯିବା ସମୟରେ ରବୀନ୍ଦ୍ର ଓ ପହଲି ମଲ୍ଲିକ ବାଟରେ ପହଞ୍ଚି ସେମାନଙ୍କୁ ମାରପିଟ କରିଥିଲେ। ଏଥିରେ ସବିତା ସହ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଆହତ ହୋଇଥିଲେ। ଏହାପରେ ସବିତାଙ୍କୁ ସେଠାରୁ ଉଠାଇ ନେଇଥିଲେ ବୋଲି ସଦର ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ସବିତାଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଚୁପ୍ ହୋଇ ବସିଛି। ପୋଲିସର ଏଭଳି ପଦକ୍ଷେପକୁ ନେଇ ପ୍ରଶ୍ନ ଉଠାଇଛି କ୍ରିୟାନୁଷ୍ଠାନ କମିଟି। ତୁରନ୍ତ ସବିତାଙ୍କୁ ଉଦ୍ଧାର କରାଯାଇ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପିଙ୍କ ନିକଟରେ ଦାବି କରାଯାଇଛି। ଦାବି ଉପସ୍ଥାପନ ବେଳେ ସଭାପତି ମଲ୍ଲିକଙ୍କ ସମେତ ସମ୍ପାଦକ ଶଶିକାନ୍ତ ମଲ୍ଲିକ, ସହସମ୍ପାଦକ ଦୁଷ୍ମନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତିର ସପ୍ତାହ ପରେ ବି ପୋଲିସ ହାତ ଖାଲି

**ବରୀ,୩।୭(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା କୃଷ୍ଣନଗର ଗ୍ରାମରେ ଗତ ମାସ ୨୭ ତାରିଖ ରାତିରେ ବଡ଼ଧରଣର ଡକାୟତ ହୋଇଥିଲା। ଗ୍ରାମର କାଞ୍ଚନବାଳା ଶୁକ୍ଳ ତାଙ୍କ ବିଧବା ବୋହୂ ଓ ଝିଅ ଘରେ ଥିବାବେଳେ ଦୁର୍ବୃତ୍ତ କାଞ୍ଚନବାଳା ନାତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନା ରୁପା ଅଳଙ୍କାର ଲୁଟି ନେଇଥିଲେ। ଇତି ମଧ୍ୟରେ ଏହି ଘଟଣାକୁ ଏକ ସପ୍ତାହ ବିତି ସାରିଲାଣି। ହେଲେ ପୋଲିସ ଏ ପର୍ଯ୍ୟନ୍ତ ଏହି ଘଟଣାର ସୁରାକ ପାଇ ପାରିନାହିଁ। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କାଞ୍ଚନବାଳାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରିବା ସହ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ସୂଚନାଯୋଗ୍ୟ, ଏହି ଗ୍ରାମଟି ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ। ତେବେ ଏଠାରେ ଉଭୟ ଜିଲା ପୋଲିସ ପକ୍ଷରୁ କଡ଼ା ପାଟ୍ରୋଲିଂ କରାଯାଉନାହିଁ। ଫଳରେ ଦୁର୍ବୃତ୍ତ ବିଭିନ୍ନ ଆପରାଧିକ ଘଟଣା ଘଟାଇ ଚାଲୁଛନ୍ତି ବୋଲି ମତପ୍ରକାଶ ପାଉଛି। ଗତ ୨/୫/୨୧ରେ ବରୀ ଥାନା କାଇପଡ଼ା ବ୍ୟାଙ୍କ ନିକଟସ୍ଥ ଏକ ଅଳଙ୍କାର ଦୋକାନରୁ ସୁନା ଗହଣା ଚୋରି ହୋଇଥିଲା। ବରୀ ପୋଲିସ କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ କରିବା କ୍ଷେତ୍ରରେ ସଫଳ ହୋଇ ନ ଥିଲା। ତେବେ କୃଷ୍ଣନଗର ଗ୍ରାମର ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଏବେ ଦେଖିବାକୁ ବାକି କେବେ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରୁଛି। ଥାନା ଅଧିକାରୀ ଅଜୟ ଜେନା କହିଛନ୍ତି, ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ। ଅନ୍ୟପକ୍ଷରେ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ଯାଜପୁର ଆରକ୍ଷୀ ଅଧୀକ୍ଷକ ରାହୁଲ ପି. ଆର୍ ପ୍ରକାଶ କରିଛନ୍ତି।

# ଚୋରା ମଦ ବେପାରୀଙ୍କୁ ସୁହାଇଛି କଟକଣା

**କାଳିଆପାଣି,୩।୭(ଡି.ଏନ.ଏ.)**

ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳରେ ଏବେ ଚୋରା ମଦ ବେପାରୀଙ୍କୁ ବେଶ୍ ସୁହାଇଛି କରୋନା କଟକଣା। ଲକ୍‌ଡାଉନ୍ ଯୋଗୁ ମଦଦୋକାନଗୁଡ଼ିକ ବନ୍ଦ ରହିବାର ନିୟମଥିଲେ ମଧ ଅଧିକାଂଶ ଦୋକାନୀ ଏହାକୁ ବେଖାତିର କରୁଛନ୍ତି। ଫଳରେ ଦେଶୀ, ବିଦେଶୀ ମଦର ବହୁଳ ଚୋରା ବ୍ୟବସାୟ ଚାଲିଛି। ମାତ୍ର ଅବକାରୀ ବିଭାଗ ଏଦିଗରେ ଅବଗତ ଥିଲେ ମଧ ନିଦାବିଷ୍ଟୁ ସାଜିଛି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଖଣି ଅଞ୍ଚଳରେ ବହୁଳ ଦେଶୀ, ବିଦେଶୀ ମଦ ବିକ୍ରି ବନ୍ଦ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଅଞ୍ଚଳରେ ମହୁଲି, ହାଣ୍ଡିଆ, ଦେଶୀ ଓ କେମିକାଲ ମିଶ୍ରିତ ବିଦେଶୀ ମଦ ଅଞ୍ଚଳବାସୀଙ୍କୁ ପଥଭ୍ରଷ୍ଟ କରୁଛି। କିନ୍ତୁ ଅବକାରୀ ବିଭାଗ କେବଳ ଦେଶୀ ମହୁଲି ମଦ ରାନ୍ଧୁଥିବା ଏବଂ ବିକ୍ରି କରୁଥିବା ଜଣେ ଅଧେଲୋକଙ୍କୁ ଧରୁଛି। ଖଣି ଅଞ୍ଚଳର ଭୀମଟାଙ୍ଗରଠାରେ ଥିବା ବିଦେଶୀ ମଦ ଦୋକାନ ଏବେ କଲରଙ୍ଗୀ ଗ୍ରାମ ନିକଟକୁ ସ୍ଥାନାନ୍ତର ହୋଇଛି। ଯାହାକି, କାଳିଆପାଣି ଥାନାଠାରୁ ମାତ୍ର ୫ କି.ମି.ଦୂରରେ ରହିଛି। ଅନ୍ୟପକ୍ଷରେ ଖଣି ନିକଟସ୍ଥ ବଜାରରୁ ବିଦେଶୀ ମଦ ଦୋକାନ ଦୂରରେ ରହିଥିବାରୁ ଚୋରା ଦେଶୀ ଓ ବିଦେଶୀ ମଦ ବଜାର ନିକଟସ୍ଥ ବିଭିନ୍ନ ସ୍ଥାନରେ ବହୁଳ ଭାବେ ବିକ୍ରି ହେଉଛି। କୋଳିପଶି ଗୁପ୍ତାହଟିଂ, କାଳିଆପାଣି ଓ ଟାଟା ଖଣି କମ୍ପାନୀ ନିକଟରେ ଗଢି ଉଠିଥିବା ହଟିଂରେ ବହୁଳ ମାତ୍ରାରେ ଦେଶୀ ମଦ ମିଳୁଛି। ସେହିପରି ପାନ ଦୋକାନ, ଗ୍ରସେରି ଦୋକାନରେ ଦେଶୀବିଦେଶୀ ମଦ ବିକ୍ରି ହେଉଛି। ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରୁ ପ୍ରସ୍ତୁତ ହେଉଥିବା ସରକାରୀ ଦେଶୀ ମଦ ଓ କୋଳିପଶି, ଦେଓଗାଁ, ଗୋଡ଼ିସାହୀ, ପାଟଣା ନାଳ କୂଳ ଗୁଡ଼ିକରେ ସାରଦିଆ ଦେଶୀ ମହୁଲି ମଦ ରନ୍ଧାଯାଇ ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଛି। କୋଳିପଶି ବଜାର ଓ ଟାଟା ବଜାରରେ ବେଧଡ଼କ ଭାବେ ଦେଶୀ ମଦ ବିକ୍ରି ହେଉଛି। ମଦ ବିକ୍ରି କରୁଥିବା କେତେଜଣ ବେପାରୀ ମାସିକିଆ ବଟି ଦେଇ କାରବାର କରୁଥିବା କହିଛନ୍ତି। ସ୍ଥାନୀୟ ଥାନା ଅଧିକାରୀଙ୍କ ବଦଳି ପରେ ବିଦେଶୀ ମଦଦୋକାନ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖୋଲୁଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରୁଛନ୍ତି। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସୁକିନ୍ଦା ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ମାନସୀ ସାମଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524



अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (Electrical)
AIIMS, Bhubaneswar

## ସଂକ୍ଷେପରେ

### ବାଲି ଚୋରାଚାଲାଣ: ୪ ଟ୍ରାକ୍ଟର ଜବତ

**ନାଉଗାଁ,୩।୭(ସ୍ୱ.ପ୍ର.):** ନାଉଗାଁ ତହସିଲଦାର ଜେ.କଳ୍ପନାଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବିଳମ୍ବିତ ରାତିରେ ସ୍ୱତନ୍ତ୍ର ପାଟ୍ରୋଲିଂ ସମୟରେ ୪ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ତହସିଲ ଅନ୍ତର୍ଗତ ଗାରୋଇ ଓ ଅଙ୍ଗେଶ୍ୱରପଡ଼ା ନିକଟରୁ ୨ଟି ଲେଖାଏ ଟ୍ରାକ୍ଟର ଜବତ କରାଯାଇଛି। ବାଲି କେଉଁ ସୈରାତରୁ ଆସିଛି ତାହା ଜଣାପଡ଼ି ନାହିଁ। ଟ୍ରାକ୍ଟର ଚାଳକ ବାଲି ପରିବହନ ପାଇଁ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ଜରିମାନା ବାବଦରେ ୪ ଟ୍ରାକ୍ଟରରୁ ୨୫ ହଜାର ଟଙ୍କା ଲେଖାଏ ହିସାବରେ ମୋଟ ୧ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ସେହିପରି ରୟାଲ୍‌ଟି ବାବଦରେ ୧୦୪ ଟଙ୍କା ଲେଖାଏ ଆଦାୟ କରାଯାଇଛି। ପାଟ୍ରୋଲିଂ ବେଳେ ତହସିଲ ପକ୍ଷରୁ ହିସାବ ରକ୍ଷକ ବିଶ୍ୱମ୍ବର ମହାନ୍ତି, ବରିଷ୍ଠ କିରାଣି ପ୍ରାଣକୃଷ୍ଣ ନାୟକ ଓ ଭଗବାନ ରାଉତ ସାମିଲ ହୋଇଥିଲେ।

### ଖବରଦାତାଙ୍କ ପରଲୋକ

**ବାଲିକୁଦା,୩।୭(ସ୍ୱ.ପ୍ର.):** ବାଲିକୁଦା ଅଞ୍ଚଳର ପ୍ରଥମ ଖବରକାଗଜ ବିତରକ ତଥା ଖବରଦାତା ରବୀନ୍ଦ୍ର କୁମାର ଦାସଙ୍କ ଶନିବାର ଅପରାହ୍ନରେ କୃଷ୍ଣଦାସପୁର



ପଞ୍ଚାୟତର ଖାଙ୍କରପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। ସେ ଅସୁସ୍ଥ ଥିବାରୁ କିଛିମାସ ତଳେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶନିବାର ପୁନର୍ବାର ଅସୁସ୍ଥ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ରବୀନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ରାକେଶ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଜିଲା ପରିଷଦ ସଦସ୍ୟ ମହନି ଚରଣ ରାଉତ,ଜିଲା କଂଗ୍ରେସ ଓବିସିସେଲ୍ ଉପାଧକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳ, ଶିକ୍ଷାବିତ୍ ମହେଶ୍ ଚୌଧୁରୀ, ନିରଞ୍ଜନ ପଣ୍ଡା, ତପନ ପଣ୍ଡା, ବାବାଜୀ ଚରଣ ଦାସ, ମନୋଜ ଦାଶ, ପ୍ରଫୁଲ ଦାସ, ସଞ୍ଜୟ ମହାନ୍ତି ଓ ଅଜୟ ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ୩ ପଞ୍ଚାୟତ ପାଇଁ ବିଜେଡିର ନୂତନ ପର୍ଯ୍ୟବେକ୍ଷକ

**ରାଜନଗର,୩।୭(ଡି.ଏନ.ଏ.):** ପଞ୍ଚାୟତ ନିର୍ବାଚନ ପାଇଁ ରାଜନଗର ବିଜେଡି ପକ୍ଷରୁ କସରତ ଜାରି ରହିଛି। ଗୁରୁବାର ଦଳ ପକ୍ଷରୁ ୨୯ ପଞ୍ଚାୟତ ପାଇଁ ୧୯ଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଦଳ କିପରି ଆଗାମୀ ପଞ୍ଚାୟତ ନିର୍ବାଚନରେ ଶତ ପ୍ରତିଶତ ସଫଳତା ହାସଲ କରିବ, ସେନେଇ ପର୍ଯ୍ୟବେକ୍ଷକମାନଙ୍କୁ ରାଜନଗର ବିଧାୟକ ଧ୍ରୁବ ସାହୁ ପରାମର୍ଶ ଦେଇଛନ୍ତି। ଗୁରୁବାର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତଙ୍କୁ ମହୁଲିଆ, ଚାନ୍ଦିବାଉଁଶମୂଳ ଓ ସାନବଡଗୋପାଳପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଶୁକ୍ରବାର ଏଥିରେ ପରିବର୍ତ୍ତନ କରାଯାଇଛି। ସାନବଡଗୋପାଳପୁର ପଞ୍ଚାୟତ ପାଇଁ ରାଜପୁର ପଞ୍ଚାୟତର ସରପଞ୍ଚ ନିମାଇଁ ଚରଣ ରାଉତ, ମହୁଲିଆ ପଞ୍ଚାୟତ ପାଇଁ ଚାନ୍ଦିବାଉଁଶମୂଳର ପୂର୍ବତନ ସରପଞ୍ଚ ରମାକାନ୍ତ ରାଉଳ, ଚାନ୍ଦିବାଉଁଶମୂଳ ପଞ୍ଚାୟତ ପାଇଁ ପୂର୍ବତନ ଆମ୍ବାର ଅଧକ୍ଷ ମୋହନ ଚନ୍ଦ୍ର ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ନବନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଶୁକ୍ରବାରଠାରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ସହ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ରଙ୍କୁ ପଞ୍ଚାୟତ ନିର୍ବାଚନ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ପ୍ରେସ୍‌ବିବୃତିରେ କୁହାଯାଇଛି।

### 'ପରିବେଶ ସନ୍ତୁଳନ ପାଇଁ ବୃକ୍ଷ ରୋପଣ ଆବଶ୍ୟକ'

**ବିରିଡି,୩।୭(ଡି.ଏନ୍.ଏ.):** ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶନିବାର ୭୨ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ରୋଟାରୀ କ୍ଲବ ଭୁବନେଶ୍ୱର, ମୈତ୍ରୀ କ୍ଲବ ବିରିଡି ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସୌମ୍ୟା ମହାନ୍ତି, ଡା. ଲୋକନାଥ ସାହୁ ଯୋଗଦେଇ ଆଜିର ବୃକ୍ଷ ରୋପଣ ଉପରେ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ପରିବେଶ ସନ୍ତୁଳନ ରକ୍ଷା ଓ ଶୁଦ୍ଧ ଅମ୍ଳଜାନ ପାଇଁ ବୃକ୍ଷ ରୋପଣ ଆବଶ୍ୟକ ବୋଲି ସେମାନେ କହିଥିଲେ। ଏଥିରେ ରଞ୍ଜନ କୁମାର ମହାପାତ୍ର, ତାପସ ଦାସ, ସ୍ୱପ୍ନକାନ୍ତ ସ୍ୱାଇଁ, ଜ୍ୟୋତିରଞ୍ଜନ ପାତ୍ର, ସରୋଜ ରାଓ ଦୋରା, ସନ୍ତୋଷ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# କଷ୍ଟ ପୂରିଛି, ନିର୍ମାଣ ସରୁନି

## ପିଏମ୍‌ଜିଏସ୍‌ୱାଇ: ୪୨୬ ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ

**ଯାଜପୁର ଅଫିସ, ୩।୭**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୧ (ପିଏମ୍‌ଜିଏସ୍‌ୱାଇ)ରେ ନିର୍ଦ୍ଧାରିତ ଅବଧିର ୧ରୁ ୪ ବର୍ଷ ପରେ ବି ୨୭ ଜିଲାର ୩୩୮ ରାସ୍ତା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଥିରେ ପ୍ରଥମ ସ୍ଥାନରେ କୋରାପୁଟ ଜିଲା ୫୬, ଦ୍ୱିତୀୟରେ ମୟୂରଭଞ୍ଜ ୩୮, ତୃତୀୟରେ ମାଲକାନଗିରି ୩୬ ଓ ଚତୁର୍ଥ ସ୍ଥାନରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ୨୭ ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ଅନୁରୂପ ଭାବେ ପିଏମ୍‌ଜିଏସ୍‌ୱାଇ-୨ରେ ୧୫ ଜିଲାର ୮୮ ରାସ୍ତା ନିର୍ଦ୍ଧାରିତ ଅବଧିର ୪ ବର୍ଷ ପରେ ବି ଶେଷ ହୋଇପାରିନାହିଁ। ଏହି ବିଫଳତାରେ ଯାଜପୁର ଜିଲା ସମେତ ମୟୂରଭଞ୍ଜ, କେନ୍ଦ୍ରାପଡ଼ା, କଳାହାଣ୍ଡି, କଟକ ଓ ପୁରୀ ଜିଲା ଆଗରେ ରହିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅର୍ଥ ବିନିଯୋଗ ହୋଇ ପାରି ନ ଥିବାରୁ ଯୋଜନା ଲକ୍ଷ୍ୟଭ୍ରଷ୍ଟ ହୋଇଛି। ଏହାବାଦ୍ ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ମଧ୍ୟ ପ୍ରତିହତ ହୋଇଛି। ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ଚିଫ୍ ଇଞ୍ଜିନିୟର ୧୦ ଦିନ ମଧ୍ୟରେ ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ସମସ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପିଏମ୍‌ଜିଏସ୍‌ୱାଇରେ ସର୍ବଭାରତୀୟସ୍ତରରେ ଓଡ଼ିଶା ୩ ବର୍ଷ ହେଲା ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଗତ ବିଧାନସଭା ସମୟରେ ତଥ୍ୟ ଦିଆଯାଇଛି। ୨୦୧୭-୧୮ରେ ୭୧୪୦.୭୭ କି.ମି., ୨୦୧୮-୧୯ରେ ୮୧୨୯.୮୮ କି.ମି. ଓ ୨୦୧୯-୨୦ରେ ୫୨୯୮.୪୩ କି.ମି. ରାସ୍ତା ନିର୍ମାଣ ହୋଇଥିବା ରିପୋର୍ଟ ଦାଖଲ ହୋଇଛି। ନିର୍ଦ୍ଧାରିତ ଅବଧିର ୪ ବର୍ଷ ପର୍ଯ୍ୟନ୍ତ ଅଧାପନ୍ତରିଆ ପିଏମ୍‌ଜିଏସ୍‌ୱାଇ ରାସ୍ତାଗୁଡ଼ିକୁ ଅବଲୋକନ କଲେ ବିଧାନସଭାରେ ଦାଖଲ ଉପରୋକ୍ତ ତଥ୍ୟର ସତ୍ୟତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପ୍ରତି ୧ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସୁଦୃଢ ପକ୍କା ଏବଂ ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବା ଏହି ଯୋଜନାର ଲକ୍ଷ୍ୟ। ଉଦାହରଣ ଭାବେ ଯାଜପୁର ଜିଲାର ଅସମ୍ପୂର୍ଣ୍ଣ ରାସ୍ତା ତାଲିକାକୁ ଅବଲୋକନ କଲେ ଅବହେଳା ଜଳଜଳ ହୋଇ ଦିଶୁଛି। ଜିଲାର ଯାଜପୁର ଓ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନର କେତେଜଣ କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁମେଣ୍ଟ ଯୋଗୁ ଯୋଜନାର ଅଗ୍ରଗତି ନୈରାଶ୍ୟଜନକ ରହିଛି।

ଅନ୍ୟପକ୍ଷରେ ଅପପୁଷ୍ଟି ପାଇଁ ବହୁଚର୍ଚ୍ଚିତ ଯାଜପୁର ଜିଲାର ନଗଡ଼ାକୁ ପିଏମ୍‌ଜିଏସ୍‌ୱାଇରେ ପକ୍କା ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। କେବଳ ଅଶୋକଝର ପାହାଡ଼ ପାଦଦେଶରୁ ତଳ ନଗଡ଼ା ପର୍ଯ୍ୟନ୍ତ ୭.୬୬ କି.ମି. ଡିଏମ୍‌ଏଫ୍(ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ) ପାଣ୍ଠିରୁ ୧୨.୯୫ କୋଟି ଟଙ୍କା ଖର୍ଚ୍ଚ କରି ମାଟି ରାସ୍ତା ନିର୍ମାଣ ହୋଇଥିଲା। ଏହି ରାସ୍ତା ପ୍ରତିବର୍ଷ ବର୍ଷାରେ ଧୋଇ ହୋଇଯାଉଥିବା ଦେଖିବାକୁ ମିଳିଛି। ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣାର ୫ ବର୍ଷ ଅତିକ୍ରାନ୍ତ ହୋଇଛି। ନଗଡ଼ାକୁ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ସରକାରୀ ଅର୍ଥ ବାଟମାରଣା ହୋଇଥିବା ନେଇ ଲୋକାୟୁକ୍ତରେ ମାମଲା ବିଚାରାଧୀନ ରହିଛି। ଏନେଇ ଲୋକାୟୁକ୍ତଙ୍କ ପକ୍ଷରୁ ସରଜମିନ ତଦନ୍ତ ପାଇଁ ତାରିଖ ନିର୍ଦ୍ଧାରଣ ହେଉଥିଲେ ହେଁ ତାହା କୋଭିଡ୍ କଟକଣା ଯୋଗୁ ରଦ୍ଦ ହେଉଛି। ଏଭଳି ସ୍ଥିତିରେ ନଗଡ଼ାକୁ ରାସ୍ତା ନିର୍ମାଣ ପାଇଁ ପୁଣି ଡିଏମ୍‌ଏଫ୍‌ରେ ପ୍ରାୟ ୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ନଗଡ଼ାକୁ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପିଏମ୍‌ଜିଏସ୍‌ୱାଇରେ ଅବଧି ପରେ ବି କାମ ଶେଷ ହୋଇ ନ ଥିବା ରାସ୍ତା ନିର୍ମାଣ କାମ ଆରମ୍ଭ କରିବାକୁ ସମ୍ପୃକ୍ତ ଠିକାଦାରମାନଙ୍କୁ ତାଗିଦ କରାଯାଇଛି।



ନିମ୍ନମାନର ରଗଡ଼ି-କିଆପଦା ପିଏମ୍‌ଜିଏସ୍‌ୱାଇ ରାସ୍ତା।

- ନିମ୍ନମାନର କାମକୁ ନେଇ ଚିନ୍ତା

# ପଞ୍ଚାୟତ ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ



ବୈଠକରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

- ସଭାପତି ଚୟନ, କୋର୍ କମିଟି ଗଠନ ଉପରେ ଗୁରୁତ୍ୱ
- ଦର ବୃଦ୍ଧିର ପ୍ରତିବାଦ କରିବାକୁ ନିଷ୍ପତ୍ତି

**ରାଜନଗର,୩।୭(ଡି.ଏନ.ଏ.)**

ଆଉ ୭ମାସ ପରେ ପଞ୍ଚାୟତ ନିର୍ବାଚନ। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ୩ଦିନ ତଳେ ବିଜେଡିର ଛାମୁଆ ନେତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହିତ ପ୍ରତି ପଞ୍ଚାୟତ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଥିଲା। ବିଜେଡି ପରେ କଂଗ୍ରେସ ପଞ୍ଚାୟତ ନିର୍ବାଚନ ପାଇଁ ଅଣ୍ଟା ଭିଡିଛି। ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ତଥା ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ଦଳ କିପରି ସଫଳତା ହାସଲ କରିବ ସେ ନେଇ କର୍ମୀମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଯେଉଁ ପଞ୍ଚାୟତରେ ସଭାପତି ନାହାନ୍ତି ସେଠାରେ ସେହି ପଦବୀ ପୂରଣ କରାଯିବ। କୋର୍ କମିଟି ଗଠନ ସହିତ ତା'ର ମୁଖ୍ୟଙ୍କୁ ଚୟନ କରାଯିବ। ୭ଜଣିଆ ବ୍ଲକସ୍ତରୀୟ କମିଟି ପଞ୍ଚାୟତର ଦାୟିତ୍ୱ ବୁଝିବେ। ଏହା ସହିତ ଆସନ୍ତା ୭ ତାରିଖରେ ବ୍ଲକ ସମ୍ମୁଖରେ ତୈଳ ଦର ବୃଦ୍ଧି ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ୧୭ ତାରିଖରେ ପ୍ରତି ପେଟ୍ରୋଲ ଟାଙ୍କି ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ।

ଏହି ବୈଠକରେ କଂଗ୍ରେସ ନେତା ସନ୍ତୋଷ ମହାନ୍ତି, ରଞ୍ଜନ କୁମାର ମହାନ୍ତି, ଦିଲ୍ଲୀପ ସିୟ, ମୋହନ ଦାସ, ବନମାଳୀ ସ୍ୱାଇଁ, ରବୀନ୍ଦ୍ର ପଢିହାରୀ, ଅଲେଖ ବେହେରା, ମହେଶ୍ୱର ରାଉତ, ସତ୍ୟବାନ ସେଠୀ, ପ୍ରମୋଦ ପ୍ରଧାନ, ପାରେଶ୍ୱର ନାୟକ, ଅଭୟ ଖଣ୍ଡୁଆଳ, କିରଣ ନାୟକ, କାହ୍ନୁ ଚରଣ ପରିଡା, ଶୁକଦେବ ଭଦ୍ର, ଆଶୁତୋଷ ସାହାଣୀ, ଶତ୍ରୁଘନ ପରିଡ଼ା, ନିମାଇଁ ଦାସ, ଧୀରେନ ନାୟକ, ସଂଗ୍ରାମ ସାହାଣୀ, ପ୍ରଭାକର ସେଠୀ, ପ୍ରଶାନ୍ତ ବେହେରା, ସୁନୀଲ ରାଉଳ, ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ୨ୟ ଥର ଅଣ୍ଡା ଦେଲା ମଲ୍ଲୀ

- ତଥାପି ମାତୃତ୍ୱ ଲାଭକୁ ନେଇ ଚିନ୍ତା
- ପୁରୁଷ କୁମ୍ଭୀରର ମିଳନ ପାଇଁ ବ୍ୟବସ୍ଥା ନାହିଁ

**ରାଜନଗର,୩।୭(ଡି.ଏନ.ଏ.)**



ଧଳା କୁମ୍ଭୀର ମଲ୍ଲୀ।

ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର ଏକ ଆବଦ୍ଧ ପୋଖରୀରେ ରହୁଥିବା ୧୮ ବର୍ଷିୟା ଦ୍ୱିତୀୟ ଧଳା କୁମ୍ଭୀର ମଲ୍ଲୀ ଅଣ୍ଡାଦାନ କରିଛି। ଏହାକୁ ନେଇ ବନବିଭାଗ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଦୀର୍ଘବର୍ଷ ପରେ ବି ଶଙ୍ଖୁଆ କୁମ୍ଭୀର ଗୋରୀ ଏଯାଏ ମାତୃତ୍ୱ ଲାଭ କରିପାରି ନ ଥିବା ବେଳେ ମଲ୍ଲୀ ଅଣ୍ଡାଦେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ସୂଚନାଯୋଗ୍ୟ, ପ୍ରାୟ ୧୮ ବର୍ଷ ତଳେ ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ରକୁ ଲାଗିଥିବା ବାଙ୍କୁଆଳ ଗାଁର ପଛ ଜଙ୍ଗଲରୁ ବନ କର୍ମଚାରୀମାନେ ଜାଲ ସାହାଯ୍ୟରେ ୨ ଧଳା କୁମ୍ଭୀର ଛୁଆଙ୍କୁ ଧରିଥିଲେ। ଅଧିକ ସଫା ଦିଶୁଥିବା ଛୁଆକୁ ଗୋରୀ ରହୁଥିବା ପୋଖରୀ ପାଖରେ ଥିବା ଅନ୍ୟ ଏକ ଆବଦ୍ଧ ପୋଖରୀରେ ଛଡ଼ା ଯାଇଥିଲା। ତା'ର ନାମ ମଲ୍ଲୀ ରଖାଯାଇଥିଲା। ଅନ୍ୟ କୁମ୍ଭୀର ଛୁଆକୁ ଶୁଆଯୋର ନିକଟ କ୍ରିକ୍‌ରେ ଛାଡ଼ି ଦିଆଯାଇଥିଲା। ମଲ୍ଲୀ ଗୋରୀ ଠାରୁ ଅଧିକ ଗୋରା ଦିଶୁଥିବାରୁ ଗତ ଏକ ଦଶନ୍ଧି ହେଲା ପର୍ଯ୍ୟଟକମାନେ ତାକୁ ଦେଖିବାକୁ ଭିଡ ଜମାଇଥିଲେ। ସେଦିନଠାରୁ ମଲ୍ଲୀ ୫୦ ଡେସିମିଲ ବିଶିଷ୍ଟ ଆବଦ୍ଧ ପୋଖରୀରେ ଜୀବନ କାଟୁଥିଲା। ସେହି ପୋଖରୀ ସହିତ ଭିତରକନିକା ନଦୀକୁ ସଂଯୋଗ କରାଯାଇଛି। ମଲ୍ଲୀ ଏଥର ଆବଦ୍ଧ ପୋଖରୀର ଉଚ୍ଚା ସ୍ଥାନକୁ ଉଠି କାଠି, କୁଟା ଓ ଖରଖରି ପତ୍ର ପକାଇ ବସା କରି ଅଣ୍ଡା ଦେଇ ତାକୁ ଜଗି ରହିଛି।

ମଲ୍ଲୀ ୨୦୧୮ରେ ପ୍ରଥମ ଥର ପାଇଁ ୧୮ଟି ଅଣ୍ଡା ଦେଇଥିଲା। ପୁରୁଷ କୁମ୍ଭୀର ସହ ମଲ୍ଲୀ ମିଳନ ପ୍ରକ୍ରିୟାରେ ସାମିଲ ହୋଇ ନ ଥିବାରୁ ସେ ଅଣ୍ଡାରୁ ଛୁଆ ବାହାରି ନ ଥିଲା। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ମଲ୍ଲୀ ଅଣ୍ଡା ଦେଇଛି। ମାଆ ହେବା ଖୁସିରେ ସେ ବିଭୋର ହୋଇ ଉଠିଛି। ହେଲେ ପୁରୁଷ କୁମ୍ଭୀର ସହିତ ମଲ୍ଲୀର ମିଳନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେ ମାଆ ହେବ କି ନାହିଁ ଆଶଙ୍କା ପ୍ରକାଶ ପାଇଛି। ଭାରତର ପ୍ରଥମ ଧଳା କୁମ୍ଭୀର ଗୋରୀକୁ ୧୯୮୭ରେ ତା'ସହ ପୁରୁଷ କୁମ୍ଭୀରର ମିଳନ ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଗୋରୀ କାହାକୁ ଉପଯୁକ୍ତ ସାଥୀ ଭାବେ ଆଜି ଯାଏ ଗ୍ରହଣ କରି ନ ଥିବାରୁ ମାଆ ହୋଇପାରିନାହିଁ।

### ବିବାହିତ ମହିଳାଙ୍କୁ ବଳାତ୍କାର ଘଟଣା

## ଫେରାର ଅଭିଯୁକ୍ତ ଗିରଫ

**ଡେରାବିଶ,୩।୭(ସ୍ୱ.ପ୍ର.)**

ଡେରାବିଶ ଥାନା ଅନ୍ତର୍ଗତ ଗୋଟିଏ ଗ୍ରାମରେ ଜଣେ ବିବାହିତ ମହିଳାଙ୍କୁ ବଳାତ୍କାର କରାଯାଇଥିବା ନେଇ ଗତ ଏପ୍ରିଲ ୧୭ରେ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୯୯/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୋଗର ୩ ମାସ ପରେ ଶୁକ୍ରବାର ଡେରାବିଶ ଥାନା ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ଗ୍ରାମର ଅଭିମନ୍ୟୁ ମଲ୍ଲିକ (୨୮)ଙ୍କୁ ପୋଲିସ ପାରାଦୀପରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଘଟଣା ଦିନ ସମ୍ପୃକ୍ତା ମହିଳାଙ୍କ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଅଭିମନ୍ୟୁ ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିବା ଖବର ପାଇ ସେ ଫେରାର ହୋଇଯାଇଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଜନ୍ମିତା ସାସମଲ ତାଙ୍କ ଫୋନ୍‌କୁ ଟ୍ରାକିଂ କରି ଅଭିମନ୍ୟୁଙ୍କୁ ପାରାଦୀପରୁ ଶୁକ୍ରବାର ଗିରଫ କରିଥିଲେ। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୁମନ୍ତ କିଷାନ୍ ସୂଚନା ଦେଇଛନ୍ତି।

### କଂଗ୍ରେସର ନୂତନ କାର୍ଯ୍ୟକାରୀ ସଦସ୍ୟ ତାଲିକା



ଖବରଦାତା ସମ୍ମିଳନୀରେ କଂଗ୍ରେସ କମିଟି ସଦସ୍ୟ।

**ଜଗତ୍‌ସିଂହପୁର ଅଫିସ, ୩।୭**

ଜଗତ୍‌ସିଂହପୁର ନଗର କଂଗ୍ରେସ କମିଟିକୁ କ୍ରିୟାଶୀଳ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ନୂଆ କାର୍ଯ୍ୟକାରୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ଉପସଭାପତି ଭାବେ ୪, ସାଧାରଣ ସମ୍ପାଦକ ୬ ଓ ସମ୍ପାଦକ ଭାବେ ୯ ଜଣଙ୍କ ନାମ ରହିଛି। ଏ ସମ୍ପର୍କରେ କମିଟି ସଭାପତି ଅଭୟ କୁମାର ମହାନ୍ତି କହିଛନ୍ତି, ଉପସଭାପତି ଭାବେ ରବି ଦାସ, ପ୍ରଦୀପ୍ତ କୁମାର ସାହୁ, ସଞ୍ଜୀବ ସ୍ୱାଇଁ ଓ ସିଦ୍ଧାର୍ଥ ତ୍ରିପାଠୀଙ୍କୁ ମନୋନୀତ କରାଯାଇଛି। ସାଧାରଣ ସମ୍ପାଦକ ଦାୟିତ୍ୱ ରିତାଞ୍ଜଳି ଦାସ, ସୁମିତ୍ରା ବିଶ୍ୱାଳ, ନିରଞ୍ଜନ ସେଠୀ, ପ୍ରମୋଦ କୁମାର ମହାପାତ୍ର, ପ୍ରବୀର ପରିଜା ଓ ଦେବୀ ପ୍ରସାଦ ଦାସଙ୍କୁ ଦିଆଯାଇଛି। କୋଷାଧ୍ୟକ୍ଷ ହୋଇଛନ୍ତି ଆଶିଷ ଗୋଚ୍ଛାୟତ। ସମ୍ପାଦକ ଭାବେ ଅଭୟ ଷଡ଼ଙ୍ଗୀ, ଗୁରୁପ୍ରସାଦ ଷଡ଼ଙ୍ଗୀ, କମଳାକାନ୍ତ ମହାପାତ୍ର, ବସନ୍ତ ଭୋଇ, ଅଜୟ ବାରିକ, ଲାଲା ବିଷ୍ଣୁ ପ୍ରସାଦ ରାୟ, ଏସ୍. କେ. ଫରିଦ୍, ହେସାମୁଲ ହକ୍ ଓ ରମାକାନ୍ତ ପଡ଼ିଆରୀଙ୍କୁ ନିଆଯାଇଛି। କାର୍ଯ୍ୟକାରୀ କମିଟି ସଭ୍ୟଭାବେ ପୂର୍ବତନ ଜଗତ୍‌ସିଂହପୁର ରାଜ୍ୟସଭା ସଦସ୍ୟ, ପୂର୍ବତନ ଜଗତ୍‌ସିଂହପୁର ବିଧାୟକ, ଜିଲା କଂଗ୍ରେସ କମିଟି ସଭାପତି ଏବଂ ପୂର୍ବତନ ସଭାପତିଙ୍କ ସମେତ ସମସ୍ତ ପୂର୍ବତନ କାଉନସିଲର, ମହିଳା କଂଗ୍ରେସର ଆଗୁଆ ନେତ୍ରୀ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ରହିଛନ୍ତି।

## ସୁନା ଅଳଙ୍କାର, ଟଙ୍କା ଚୋରି

**ତିର୍ତ୍ତୋଲ, ୩।୭ (ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ଅଧୀନ ବୋଧେଇ ପଞ୍ଚାୟତ ବିକିପୁର ଗ୍ରାମର ପ୍ରମୋଦ କୁମାର ପରିଡାଙ୍କ ଘରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଏନେଇ ସେ ଶନିବାର ଥାନାରେ ଅଭିଯୋଗ କରଛନ୍ତି। ଏହାକୁ ଭିତ୍ତି କରି ମାମଲା (ନଂ. ୨୬୪/୨୧) ରୁଜୁ ହୋଇଛି। ଘରୁ ୪୯ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସୁନାଗହଣା, ୨ ଦାମୀ ମୋବାଇଲ ଚୋରି ହୋଇଛି ବୋଲି ପ୍ରମୋଦ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଚାଳଘରେ ରୁହନ୍ତି। ଘର ନିକଟରେ ଏକ ଛାତ ଘର ତିଆରି କରୁଛନ୍ତି। ଏଥିପାଇଁ ୪୯ ହଜାର ଟଙ୍କା ଯୋଗାଡ଼ କରି ଏକ ଟ୍ରଙ୍କରେ ରଖିଥିଲେ। ରାତିରେ ପରିବାର ଲୋକେ ଶୋଇଥିବା ଥିବାବେଳେ କୌଣସି ଦୁର୍ବୃତ୍ତ ଟ୍ରଙ୍କ ଭାଙ୍ଗି ଟଙ୍କା ସମେତ ସୁନା ଅଳଙ୍କାର ଚୋରି କରିନେଇଛନ୍ତି। ଅଭିଯୋଗ ପରେ ପୋଲିସ ଘରେ ପହଞ୍ଚି ତଦନ୍ତ କରି ଫେରିଛି।

### ୪୭ ୟୁନିଟ୍ ରକ୍ତ ସଂଗ୍ରହ

**କୁଜଙ୍ଗ, ୩।୭ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ବିଜୁ ଯୁବଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଓ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

**ତଳଭାଗରୁ ୨ ପାର୍ଶ୍ୱ କଳଙ୍କି ଲାଗି ଖାଇଯାଇଛି**

**ନାଉଗାଁ,୩।୭ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବିଦ୍ୟୁତ୍ ଖୁଣ୍ଟ ଦୀର୍ଘଦିନ ହେବ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଖୁଣ୍ଟର ତଳଭାଗ କଳଙ୍କି ଖାଇଯାଇଥିବାବେଳେ ୨ ପାର୍ଶ୍ୱରେ ଅଳ୍ପ ଅଂଶ ଲାଗି ରହିଛି। ଫଳରେ କୌଣସି ସମୟରେ ବିଦ୍ୟୁତ୍ ଖୁଣ୍ଟ ଭୁଶୁଡି ପଡ଼ିବାର ଆଶଙ୍କା ରହିଛି। ଏହି ଖୁଣ୍ଟ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମିଳନୀ କକ୍ଷ ଓ ରୋଗୀ ରହୁଥିବା ୱାର୍ଡ ନିକଟରେ ରହିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୬ ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ଏବେ ଏଠାରେ କୋଭିଡ୍ ପାଇଁ ଟିକାକରଣ ଚାଲୁରହିଛି। ଟିକା ପାଇଁ ନାମ ପଞ୍ଜୀକରଣ ସମୟରେ ବହୁ ଲୋକ ଅଜାଣତରେ ଆସି ଖୁଣ୍ଟ ତଳେ ଠିଆ ହେଉଛନ୍ତି। କାଳବୈଶାଖୀ କିମ୍ବା ଅତ୍ୟଧିକ ପବନ ହେଲେ ଏହି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯିବାର ଆଶଙ୍କା ରହିଛି। ଖୁଣ୍ଟରେ ସଂଯୋଗ ହୋଇଥିବା ତାର ଦେଇ ବିଦ୍ୟୁତ୍ ସରବରାହ ହେଉଛି। ଖୁଣ୍ଟ ଭାଙ୍ଗିଲେ ଧନଜୀବନ ହାନି ହେବାର ଭୟ ରହିଛି। ତୁରନ୍ତ ବିଭାଗ ପକ୍ଷରୁ ଖୁଣ୍ଟ ବଦଳାଇବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ନାଉଗାଁ ଶାଖା ପରିଚାଳକ ଦୀପକ ଭୂଇଁ କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖୁଣ୍ଟ ନଷ୍ଟ ହୋଇଯାଇଥିବା ନେଇ ଅବଗତ ନଥିଲି। ଖୁବ୍‌ଶୀଘ୍ର ଖୁଣ୍ଟ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯିବ।



# କେନାଲରୁ ମାଟିଖୋଳାକୁ ନେଇ ଚିନ୍ତା

**କେନ୍ଦ୍ରାପଡ଼ା ଅଫିସ,୩।୭**

କେନ୍ଦ୍ରାପଡ଼ା ଜିଲାର ଦୁଇ ଅଞ୍ଚଳରେ ମାଟିଖୋଳା ଓ ପକାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଜଳ ସମ୍ପଦ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ବିରୋଧରେ ଜିଲାପାଳଙ୍କ ନିକଟରେ ଆପତ୍ତି କରିବେ ବୋଲି ସଜବାଜ ହେଉଛନ୍ତି। ତେବେ ଏଥିରେ ଜଣେ ଠିକାଦାର ଲାଭ ଉଠାଉଛନ୍ତି। ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର, ଚାଷୀ ରାଧାକାନ୍ତ ମହାନ୍ତି, ମନୋରଞ୍ଜନ ଦାଶ, ଭିକାରୀ ଚରଣ ବେହେରା ପ୍ରମୁଖ କହିଛନ୍ତି, ଡେରାବିଶ ଛତା ଜଳସେଚନ ବିଭାଗ ଅଧୀନରେ ଥିବା ୮ (କ) ନଂ. ଶାଖା କେନାଲ ସ୍ଥାନୀୟ ଅଞ୍ଚଳର ଜଳସେଚନ ପାଇଁ ପ୍ରତିବର୍ଷ ସଫେଇ ହୋଇଥାଏ। ଚଳିତବର୍ଷ କେନାଲ ସଫେଇ ଆଳରେ ଶଯ୍ୟାର ୨ଫୁଟ ପର୍ଯ୍ୟନ୍ତ ମାଟି ଖୋଳାଯାଉଛି। ଏହିସ୍ତରରେ କେନାଲ ଶଯ୍ୟା ଖୋଳା ହେବା ଫଳରେ ସୋଠ ପ୍ରାୟ ୨ ଫୁଟ ଉପରକୁ ରହିଯାଉଛି। କେନାଲ ଉପରେ ନିର୍ଭର କରୁଥିବା ସଦାନନ୍ଦପୁର, ଭରତପୁର, ବେଲାରପୁର, ଶଙ୍କରପୁର, ଆମ୍ଭୁରା ଓ କୁରୁଜଙ୍ଗା ଆଦି ଗ୍ରାମ ଚାଷକ୍ଷେତକୁ ପାଣି ପହଞ୍ଚିବ ନାହିଁ। କେନାଲ ପାଣି ନ ପହଞ୍ଚିଲେ ଚଳିତବର୍ଷ ଖରିଫ ଚାଷ ନଷ୍ଟ ହେବ। ପ୍ରତିବର୍ଷ କୋଡି କୋଦାଳରେ କେନାଲ ଶଯ୍ୟା ଖୋଳା ହେଉଥିବା ବେଳେ ସେଠାରେ ଏବେ ୩ଟି ଜେସିବି ମେଶିନ କାମ କରୁଛି। କେନାଲ ଉନ୍ନତୀକରଣ ପାଇଁ କୌଣସି ଟେଣ୍ଡର ମଧ୍ୟ ହୋଇନାହିଁ। ଏନେଇ କେଉଁଠି ସୂଚନା ଫଳକ ନାହିଁ। କେନାଲରୁ ଉଠା ଯାଉଥିବା ମାଟି ନିକଟସ୍ଥ କୁରୁଜଙ୍ଗା ପଞ୍ଚାୟତ ଆମ୍ଭୁରା କେନାଲ ବନ୍ଧଠାରୁ କୁଶିଆପାଳ ପଞ୍ଚାୟତ ଲଛମନଜୀଉ କେନାଲ ବନ୍ଧରେ ପକାଯାଉଛି। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଛି। ରାସ୍ତା କାମ ହେଉଥିବା ନେଇ ଏହି ବିଭାଗ ମଧ୍ୟ କୌଣସିଠାରେ ସୂଚନା ଫଳକ ଲଗାଯାଇ ନାହିଁ। କେନାଲ ମାଟିକୁ ବ୍ୟବହାର କରିବା ଦ୍ୱାରା ଏହି ରାସ୍ତା ଆଗାମୀ ବର୍ଷାରେ ଧୋଇଯିବାର ସମ୍ଭାବନା ଅଛି। ଏଥିସହିତ ବର୍ଷାଦିନେ ମାଟି ରାସ୍ତା ନିର୍ମାଣ ହେଲେ ଯାତାୟାତରେ ଅସୁବିଧା ସୃଷ୍ଟି ହେବ। କେନାଲ ମାଟି ଉଠାଇ ରାସ୍ତା କାମ କରିବା ଦ୍ୱାରା ଦୁଇ ବିଭାଗର ଠିକାଦାର ଲାଭବାନ ହେଉଥିବା ବେଳେ ଚାଷୀ ଓ ଅଞ୍ଚଳବାସୀ ଏବେ ବଡ ଧରଣର ସମସ୍ୟାରେ ପଡିବାକୁ ଯାଉଛନ୍ତି ବୋଲି ସେମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି, କେନାଲ ଖୋଳା ନିୟମ ଅନୁଯାୟୀ କରାଯାଉଛି। ମାଟିଗୁଡ଼ିକ ଶଯ୍ୟାରୁ ଉଠାଇ ଫୋପାଡିଦିଆଯାଏ। ଯଦି ଏହି ମାଟିକୁ ରାସ୍ତା କାମରେ ଲଗାଯାଉଛି, ଏନେଇ ତନଖି କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇ ଦିଆଯିବ।



ଅମ୍ଭୁରା କେନାଲ।

- ସୋଠରେ ୨ ଫୁଟ ତଳ ପର୍ଯ୍ୟନ୍ତ ଖୋଳାଯାଇଛି
- ଚାଷ ଜମିରେ ପହଞ୍ଚି ପାରିବ ନାହିଁ ପାଣି
- ବର୍ଷାଦିନେ ମାଟି ରାସ୍ତା ନିର୍ମାଣକୁ ବିରୋଧ

## ସଂକ୍ଷେପରେ

### ସମାନ ନାମ ଯୋଗୁ ମାଟ୍ରିକ ଫଳରେ ତ୍ରୁଟି

**ନୟାଗଡ଼ ଅଫିସ,୩।୭:** ଗୋଟିଏ ଶ୍ରେଣୀରେ ସମାନ ନାମ ଥିବା ୨ ଛାତ୍ର ଏଥିର ମାଟ୍ରିକ ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିଲେ । କରୋନା କଟକଣା ଯୋଗୁ ପରୀକ୍ଷା ବାତିଲ ହୋଇ ଫଳ ଘୋଷଣା ହୋଇଥିଲା । ହେଲେ ସମାନ ନାମଧାରୀ ଜଣେ ସାଧାରଣ ଛାତ୍ର ବି-୧ ଗ୍ରେଡ୍‌ରେ ପାସ୍ ହୋଇଛନ୍ତି । ହେଲେ ସେହି ନାମଧାରୀ ଅନ୍ୟ ଜଣେ ମୋଧାବ ଛାତ୍ର ଫେଲ ହୋଇଛନ୍ତି । ଏଭଳି ଅବ୍ୟବସ୍ଥା ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ହାଇସ୍କୁଲରେ ଘଟିଛି । ନାମ ସମାନ ଥିବାରୁ ମାଟ୍ରିକ ରେଜେଲ୍ଟରେ ଏପରି ତ୍ରୁଟି ହୋଇଥିବା ମାଧମିକ ଶିକ୍ଷା ପରିଷଦ ଓ ସ୍ଥାନୀୟ ସ୍କୁଲରେ ଅଭିଯୋଗ କରାଯାଇଛି ।

### ବରିଷ୍ଠ ଡାକ୍ତରଙ୍କ ପରଲୋକ

**ଖଣ୍ଡପଡ଼ା,୩।୭(ସ୍ୱ.ପ୍ର.):** ବରିଷ୍ଠ ଡାକ୍ତର ଧନେଶ୍ୱର ସାହୁ(୬୯)ଙ୍କ ଶନିବାର ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଖଣ୍ଡପଡ଼ାରେ ଶୋକର ଛାୟା ଖେଳିଯାଇଛି। ଜଣେ ସୁନାମଧନ୍ୟ ଡାକ୍ତର ଭାବେ ସେ ଜଣାଶୁଣା ଥିଲେ। ସେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ବର୍ଷ ହେବ କାମ କରି ରୋଗୀମାନଙ୍କ ପ୍ରିୟଭାଜନ ହୋଇ ପାରିଥିଲେ । ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ସୁଚାରୁରୂପେ ଦାୟିତ୍ୱ ତୁଲାଇ ଅବସର ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖଣ୍ଡପଡା ନିର୍ବାଚନମଣ୍ଡଳୀର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।


ଡା. ଧନେଶ୍ୱର ସାହୁ (ଫାଇଲ୍ ଫଟୋ)

### ୫ରେ ଦ୍ୱିତୀୟ ଡୋଜ୍ ଟିକାକରଣ

**ଦଶପଲ୍ଲା,୩।୭(ଡି.ଏନ.ଏ.):** ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବବ୍ରତ କର ଜଣାଇଛନ୍ତି, ଆସନ୍ତା ୫ତାରିଖରେ ୪୫ବର୍ଷ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ କିମ୍ବା ପ୍ରଥମ ଡୋଜ୍ ଟିକା ନେବାର ୮୨ ଦିନ ପୂର୍ଣ୍ଣ କରିଥିବା ଲୋକମାନେ ୨ୟ ଡୋଜ୍ ଟିକା ନେଇ ପାରିବେ । ତଦନୁଯାୟୀ ୱାର୍ଡ ନଂ.୭- ବାଳିକା ହାଇସ୍କୁଲରେ ସକାଳ ୯ଟାରୁ ୧ଟା , ୱାର୍ଡ ନଂ.୮ରେ ଦିନ ୧ଟାରୁ ୫ଟା ପର୍ଯ୍ୟନ୍ତ ଟିକାକରଣରୁ ବ୍ୟବସ୍ଥା କରାଯାଇଛି । ୱାର୍ଡ ନଂ.୯ର ଲୋକମାନେ ଦଶପଲ୍ଲା ଡାକ୍ତରଖାନାରେ ଦିନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟିକା ନେବେ । ୱାର୍ଡ ନଂ. ୧୦ ଓ ୧୧ ବାସିନ୍ଦା ରାଧାମୋହନ ଜୀଉ ହାଇସ୍କୁଲରେ ସକାଳ ୯ଟାରୁ ୧ଟା ଓ ୱାର୍ଡ ନଂ. ୧୨ ଏବଂ ୧୩ ୱାର୍ଡର ବାସିନ୍ଦା ରାଧାମୋହନ ଜୀଉ ହାଇସ୍କୁଲରେ ଦିନ ୧ଟାରୁ ୫ଟା ପର୍ଯ୍ୟନ୍ତ ଟିକା ନେଇପାରିବେ। ଜନସାଧାରଣ ଶୃଙ୍ଖଳାର ସହ ଟିକାଦାନ କେନ୍ଦ୍ରରେ ପହଞ୍ଚି ପ୍ରଥମ ଡୋଜ୍ ଟିକା ନେବାର ପ୍ରମାଣ ଦେଖାଇ ଟିକା ନେଇପାରିବେ । ବିଶେଷ ଅସୁବିଧା ହେଲେ ଭାକ୍ସିନେଶନ୍ ମୁଖ୍ୟ ଡା.ରଶ୍ମୀ ରଞ୍ଜନ ଭଦ୍ରାଙ୍କ ସହ ଯୋଗାଯୋଗ କରିପାରିବେ ।

# ଧାନ, ମୁଗରେ ଚତୁର୍ଦ୍ଧାମୂର୍ତ୍ତି

- ଲକ୍‌ଡାଉନ ଆଣିଲା ସୁଯୋଗ
- ଭକ୍ତି ବ୍ୟବସାୟୀଙ୍କୁ ସଜେଇଛି ଶିଳ୍ପୀ

**ଲୋକନାଥ ମିଶ୍ର**
**ନୟାଗଡ଼ ଅଫିସ,୩।୭**


ନିଜ ହାତଗଢ଼ା ଚତୁର୍ଦ୍ଧାମୂର୍ତ୍ତିଙ୍କ ସହ ଅବିଦିତ ସାହୁ।

**ସେ ଶିଳ୍ପୀ ନୁହନ୍ତି, ଜଣେ ବ୍ୟବସାୟୀ । ୩ ଲକ୍ଷ ଧାନ ଓ ୩ ହଜାର ମୁଗରେ ତିଆରି କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ଓ ରତ୍ନବେଦି । ଚିମୁଟାରେ ଗୋଟିଏ ପରେ ଗୋଟିଏ ଧାନ ଓ ମୁଗକୁ ଅଠାରେ ଯୋଡ଼ି ଜଗା ପ୍ରତି ଥିବା ତାଙ୍କର ଭକ୍ତିର ପରିଚୟ ଦେଇଛନ୍ତି । ତାଙ୍କର ଏଭଳି ଭକ୍ତଭାବ ଅନ୍ୟ ପାଇଁ ପ୍ରେରଣା ସାଜିଛି ।**

ଧାନ ଓ ମୁଗ ପରି ଶସ୍ୟର ଗୋଟିକ ପରେ ଗୋଟିଏ ଦାନା ଯୋଡି ମୂର୍ତ୍ତି ଗଢ଼ିବା ସହଜ ନୁହେଁ। ହେଲେ ଜଣେ ଲୁଗା ବ୍ୟବସାୟୀ ଲକ୍‌ଡାଉନ ପରି ଫାଙ୍କା ସମୟକୁ ଅପଚୟ ନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ଓ ରତ୍ନବେଦି ନିର୍ମାଣ କରିବାରେ ସଫଳ ହୋଇଛନ୍ତି । ଜଗତର ନାଥ ଜଗନ୍ନାଥଙ୍କ ପ୍ରତି ଭକ୍ତି ଓ ଅନୁରକ୍ତି ତାଙ୍କୁ ନୂଆ ପରିଚୟ ଦେଇଛି । ଦଶପଲ୍ଲା ତ୍ରିନାଥ ବଜାରର ଏହି ବ୍ୟବସାୟୀ ଅବିଦିତ ସାହୁ (ଲୁଲୁ)ଏବେ ଚର୍ଚ୍ଚାରେ ଅଛନ୍ତି ।

ଅବିଦିତ ଯୁକ୍ତ ୩ ପାସ କରିବା ପରେ ୨୦୧୮ରୁ ନିଜ ଜେଜେଙ୍କ ଲୁଗା ଦୋକାନକୁ ଆଦରି ନେଇଥିଲେ । ହେଲେ ପିଲାଟିଦିନରୁ ଜଗନ୍ନାଥଙ୍କ ପ୍ରତି ରହିଥିବା ତାଙ୍କ ଭକ୍ତି ଓ ଭଲପାଇବାକୁ ସେ ଭୁଲି ନ ଥିଲେ । ପିଲାବେଳେ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଚିତ୍ର ମାଟି, ସିମେଣ୍ଟ ଚଟାଣ, ଖାତା, ଡ୍ରଇଂ ଶିଟ୍‌ରେ ଆଙ୍କୁଥିଲେ । ଧୀରେ ଧୀରେ ସେ କାର୍ଡ ବୋର୍ଡରେ ଚକାନୟନଙ୍କ ସ୍ୱରୂପଙ୍କୁ ସୁନ୍ଦର ଭାବେ ଉପସ୍ଥାପନ କରିପାରିଥିଲେ । ସେ କୌଣସି ଆର୍ଟ କଲେଜରେ ପଢ଼ି ନାହାନ୍ତି କି ପେସାଦାର ଆର୍ଟିଷ୍ଟ ନୁହନ୍ତି । କିନ୍ତୁ ସେ ଏବେ ପ୍ରାକୃତିକ ପରିବେଶର ଚିତ୍ର ଓ ଟ୍ରାଇବେଲ ଆର୍ଟରେ ଲାଗି ପଡିଛନ୍ତି । ଲକ୍‌ଡାଉନ ହେବାରୁ ଲୁଗା ଦୋକାନ ବନ୍ଦ ରହିଲା । ସମୟକୁ ଅପଚୟ ନ କରି କ'ଣ କରିବେ ଚିନ୍ତା କରିଥିଲେ ଅବିଦିତ । ଧାନ ଓ ମୁଗରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ଓ ରତ୍ନବେଦି ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ । ସେଦିନଠାରୁ ଆଉ ପଛକୁ ଫେରି ନ ଥିଲେ। ୩ମାସ ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ଓ ରତ୍ନବେଦି ନିର୍ମାଣ ଶେଷ ହୋଇଗଲା। ଏନେଇ ଅବିଦିତ କୁହନ୍ତି, ୩ ଲକ୍ଷ ଧାନରେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କ କମନୀୟ କୃତି ସେ ତିଆରି କରିଛନ୍ତି । ୩ ହଜାର ମୁଗରେ ମହାପ୍ରଭୁଙ୍କ ମୁକୁଟ କରାଯାଇଛି । ଏଥିପାଇଁ ୫ରୁ ୭ ହଜାର ଟଙ୍କା ବ୍ୟୟ ହୋଇଛି । ଏବେ ତାଙ୍କ ଘରେ ଶୋଭା ପାଉଛନ୍ତି ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ । ମହାପ୍ରଭୁ ତାଙ୍କ ଇଚ୍ଛା ପୂରଣ କରିଥିବାରୁ ମୁଁ ବହୁତ ଖୁସି ବୋଲ ଅବିଦିତ କହିଛନ୍ତି ।

# ଗୋଟିଏ ଦିନର ୯୬ ଆକ୍ରାନ୍ତ, ୨ମୃତ

**ନୟାଗଡ଼ ଅଫିସ,୩।୭**

ନୟାଗଡ଼ ଜିଲାରେ କରୋନାରେ ୯ ଦିନରେ ୪୧ ଜଣଙ୍କ ମୃତ୍ୟୁ ଘଟିଛି । ଶନିବାର ରିପୋର୍ଟରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩ ହଜାର ୭୫୫ ରେ ପହଞ୍ଚିଛି । ଶନିବାର ଭାପୁର ବ୍ଲକରେ ୮, ଦଶପଲ୍ଲା ବ୍ଲକରେ ୧୨,ଗଣିଆ ବ୍ଲକରେ ୩, ଖଣ୍ଡପଡ଼ା ବ୍ଲକରେ ୮, ନୟାଗଡ଼ ବ୍ଲକରେ ୮, ନୂଆଗାଁ ବ୍ଲକରେ ୨, ଓଡ଼ଗାଁ ବ୍ଲକ ୧୩, ରଣପୁର ବ୍ଲକ ୩୫, ନୟାଗଡ଼ ପୌରାଞ୍ଚଳରେ ୭ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହରରେ ନୟାଗଡ଼ ଜିଲାରୁ ୧୦୫ ଜଣଙ୍କ ଜୀବନ ଯାଇଛି ।

# ଦୁର୍ଘଟଣା ସ୍ଥାନରେ ହମ୍ପ୍‌ସ ନିର୍ମାଣ ଦାବି

**ଦଶପଲ୍ଲା,୩।୭ (ଡି.ଏନ.ଏ.)**

ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଦଶପଲ୍ଲା ଦେଇ ଯାଇଥିବା ବେଳେ ଦଶପଲ୍ଲାରୁ ବାଣିଗୋଛା ମଧ୍ୟରେ ଏକାଧିକ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଶନିବାର ଏହି ରାସ୍ତାର କାମେଟିପେଙ୍ଗା ନିକଟରେ ଏକ ଲୁହାଛଡ ବୋଝେଇ ଟ୍ରକ(ନଂ.ଓଡି଼୦୭ ଏଲ୍ ୩୧୬୧) ସହ ଏକ ବାଇକ୍(ନଂ.ଓଡି଼୦୨ବି ୯୨୨୩)ର ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ବାଣିଗୋଛା ଥାନା ଅଧିକାରୀ ବୈଦ୍ୟ ନାରାୟଣ ଭୋଇ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ନାହିଁ। ଶାଳଭଙ୍ଗା ଜଙ୍ଗଲ, ହନୁମାନ ମନ୍ଦିର ବୁଲାଣି ଆଦି ସ୍ଥାନରେ ପ୍ରତିଦିନ ଦୁର୍ଘଟଣା ଘଟୁଛି । ସେହି ସ୍ଥାନରେ ହମ୍ପ୍‌ସ୍ ତିଆରି କରିବାକୁ ଦାବି ହୋଇଛି ।

# ରାସ୍ତାରେ ଜମା ହୋଇଛି ବର୍ଷାପାଣି


ରାସ୍ତା ମଝିରେ ଜମିଥିବା ପାଣି ।

**ଖଣ୍ଡପଡ଼ା,୩।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା–ଭାପୁର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବାହାଡା ଛକରେ ସାମାନ୍ୟ ବର୍ଷା ହେଲେ ପାଣି ଜମା ହୋଇ ରହୁଛି। ଏପରିକି ବର୍ଷା ଦିନେ ବାହାଡା ଛକଟି ଦୂରରୁ ପୋଖରୀ ପରି ଦିଶୁଛି । ଏହି ଛକ ବ୍ୟବସାୟର ପେଣ୍ଠସ୍ଥଳ । ହେଲେ ରାସ୍ତା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି। ଫଳରେ ସାଧାରଣ ଯାତ୍ରୀଙ୍କଠାରୁ ଆରମ୍ଭ କରି ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବାହାଡା–ବାଇଗୁଣିଆ ବଣିକ ସଂଘର ସଦସ୍ୟମାନେ ଦାବି କରିଛନ୍ତି ।

# 'ନାଟକ ସମ୍ପର୍କ ଦୃଢ଼ କରିବାର ବଳିଷ୍ଠ ମାଧ୍ୟମ'

**ନୟାଗଡ଼ ଅଫିସ,୩।୭**

### ମଞ୍ଚ ନାଟକର ସ୍ଥିତି ଓ ପ୍ରଗତିକୁ ନେଇ ଆଲୋଚନାଚକ୍ର

ମଞ୍ଚ ନାଟକ କ୍ଷେତ୍ରରେ ନୟାଗଡ଼ର ସମୃଦ୍ଧ ପରମ୍ପରା ରହିଆସିଛି । ବହୁବର୍ଷ ପୂର୍ବେ ନୟାଗଡ଼ର ଗ୍ରାମାଞ୍ଚଳରେ ମୁଠିଚାଉଳ ସଂଗ୍ରହ ତଥା ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ପ୍ରାୟ ପ୍ରତି ଗାଁରେ ନାଟକ ମଞ୍ଚସ୍ଥ ହେଉଥିଲା । ସମୟାନୁକ୍ରମେ ନାଟକରେ ଅନେକ ପରିବର୍ତ୍ତନ ଦେଖାଦେଇଛି । ସଂପ୍ରତି ନୟାଗଡ଼ର ମଞ୍ଚ ନାଟକ ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଦାବି କରିବାରେ ସମର୍ଥ ହୋଇଛି ବୋଲି ନୟାଗଡ଼ର ନାଟକ ଓ ସଙ୍ଗୀତ ଅନୁଷ୍ଠାନ ରାଗେଶ୍ରୀ ନିଳୟମ ତରଫରୁ ଅନ୍‌ଲାଇନ ମାଧ୍ୟମରେ ଆୟୋଜିତ ନାଟ୍ୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ନାଟ୍ୟକର୍ମୀମାନେ ମତପ୍ରକାଶ କରିଛନ୍ତି ।

ଅନୁଷ୍ଠାନର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ପବିତ୍ର ମହାନ୍ତି ଯୋଗଦେଇ ନୟାଗଡ଼ ମଞ୍ଚ ନାଟକର ସାଂପ୍ରତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । ସେ କହିଲେ ନାଟକ ସମ୍ପର୍କ ଦୃଢ଼ୀଭୂତ କରିବାରେ ଏକ ବଳିଷ୍ଠ ମାଧ୍ୟମ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାୟନର ସଭାପତି ଯାମିନୀକାନ୍ତ ମିଶ୍ର,ସୁଧା ସାଂସ୍କୃତିକ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଆଶୁତୋଷ ମିଶ୍ର, ଚମତ୍କାରର ସମ୍ପାଦକ ରାକେଶ କୁମାର ଦାସ, ବିଶିଷ୍ଟ ଅଭିନେତା ପ୍ରଭାତ ମିଶ୍ର, ସଂସ୍କୃତି ସଂସଦର ସହନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାମନ୍ତରାୟ ପ୍ରମୁଖ ମଞ୍ଚ ନାଟକରେ ନୟାଗଡ଼ର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ଏବଂ ମହାନ୍ ନାଟ୍ୟ ବ୍ୟକ୍ତିତ୍ୱଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଏଥିରେ ବିଶିଷ୍ଟ ନାଟ୍ୟକର୍ମୀ ସୁରେନ୍ଦ୍ର କୁମାର ସାହୁ,ସୁଜାତା ପଶାୟତ, କାମାକ୍ଷା ପ୍ରସାଦ ଦାଶ, ନରେନ୍ଦ୍ର ବେହେରା, ହୃଷୀକେଶ ଦାଶ, ନିରଞ୍ଜନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ଆଲୋଚନାରେ ଅଂଶଗ୍ରହଣ କରିଥିବା ଅତିଥିମାନେ ।

# ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପୁରୁଷୋତ୍ତମପୁର,୩।୭(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଥାନା ବେଢ ସାନ ମାଧପୁର ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ମୃତକ ହେଲେ ଗିତାଞ୍ଜଳି ଦାସ। ଏ ନେଇ ନଂ. ୨୮୭/୨୧ରେ ମାମଲା ରୁଜୁ ହୋଇଛି। ମହିଳା ଜଣକ ନିଜେ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ କହୁଥିବା ବେଳେ ମୃତକଙ୍କ ପରିବାର ଲୋକଙ୍କ ଏତଲା କ୍ରମେ, ଗିତାଞ୍ଜଳିଙ୍କ ସ୍ୱାମୀ ବିଭିନ୍ନ ସମୟରେ ନାନା ପ୍ରକାରର ନିର୍ଯାତନା ଦେଉଥିଲେ। ଶୁକ୍ରବାର ରାତିରେ ଘରେ କେହି ନଥିବା ସୁଯୋଗ ନେଇ ଗୀତାଞ୍ଜଳିଙ୍କୁ ହତ୍ୟା କରି ଘର ଦୁଲାରେ ଝୁଲାଇ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି।

# ଅବସର ଦିନ ୨ ଶିକ୍ଷକଙ୍କୁ ପେନ୍‌ସନ ଆଦେଶ ପ୍ରଦାନ

**ବୁଗୁଡ଼ା,୩।୭ (ଡି.ଏନ୍.ଏ.)**

ବୁଗୁଡ଼ା ଏବିଇଓ ପୀତାମ୍ବର ବିଷୋୟୀ, ଏ.ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ହୋତା ଓ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଖଦାଳ ବେହେରା ୩୦ ତାରିଖରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ବିଇଓ ପ୍ରସନ୍ନ କୁମାର ବେହେରା ସେମାନଙ୍କୁ ପ୍ରୋଭିଜନାଲ ପେନ୍‌ସନ ଆଦେଶ ପ୍ରଦାନ କରିଥିଲେ।

# ତାମିଲନାଡୁରୁ ଫେରୁଥିବା ଶ୍ରମିକ ମୃତ

**ବ୍ରହ୍ମପୁର ଅଫିସ,୩।୭**

ତାମିଲନାଡୁ କୋଏମ୍ବାଟୁରରୁ ବସ୍‌ରେ ଫେରୁଥିବା ଜଣେ ପ୍ରବାସୀ ଶ୍ରମିକଙ୍କର ଶନିବାର ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲା ଚଣ୍ଡିପୁର ଥାନା ଗୋରେଗାଓଁର ଜୟଦେବ କୋଟାଲ (୩୨)। ଏମ୍‌କେସିଜି ଫାଣ୍ଡି ପୋଲିସ ଜୟଦେବଙ୍କ ମୃତଦେହକୁ ସଂରକ୍ଷିତ କରି ରଖିବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ତାମିଲନାଡୁରୁ ଗତ ୩୦ ତାରିଖରେ ଯାତ୍ରୀବାହୀ ବସ୍ (ପି ୱାଇ–୦୧–ସି ବି–୫୮୪୨) ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗର ୧୨ ଶ୍ରମିକଙ୍କୁ ନେଇ ପାଟନା ବାହାରିଥିଲା। ବସ୍‌ଟି ଶୁକ୍ରବାର ରାତିରେ ଇଚ୍ଛାପୁରରେ ପହଞ୍ଚିବା ପରେ ଜୟଦେବଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ବ୍ରହ୍ମପୁରରେ ବସ୍ ପହଞ୍ଚିବା ପରେ ଏମ୍‌କେସିଜି ମେଡିକାଲକୁ ଆଣି କାଜୁଆଲିଟିରେ ଭର୍ତ୍ତି କରିଥିଲେ। ହେଲେ ଏମ୍‌କେସିଜିରେ ପହଞ୍ଚିବା ପୂର୍ବରୁ ହିଁ ଜୟଦେବଙ୍କ ମୃତ୍ୟୁ ଘଟିଥିଲା। ବୋଲି ଡାକ୍ତର ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ମହିଳାଙ୍କୁ ଅସଦାଚରଣ, ଆକ୍ରମଣ ଅଭିଯୋଗ

**ଖଜୁରିପଡ଼ା/ବଲସକୁମ୍ପା, ୩।୭ (ଡି.ଏନ.ଏ.)**

ଖଜୁରିପଡା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଆକ୍ରମଣା କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଏତଲା କ୍ରମେ ଖଜୁରିପଡ଼ା ପୋଲିସ ନଂ. ୭୩/୨୧ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରାସ୍ତା କଡ଼ରେ ବିପଦସଙ୍କୁଳ ଗଛ

**ବୁଗୁଡ଼ା,୩।୭(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଶତ୍ରୁସୋଲ ଗ୍ରାମ ନିକଟରେ ରାସ୍ତା କଡ଼ରେ ଝୁଲି ରହିଛି ଦରଭଙ୍ଗା ଓସ୍ତ ଗଛ। କେତେବେଳେ କାହା ଉପରେ ପଡିବ କହିବା ମୁସ୍କିଲ। ଏମିତି ଅବସ୍ଥାରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ସବୁ ସମୟରେ ବିପଦ ମଣୁଛନ୍ତି। ଗଛ ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମଧ୍ୟ ରହିଥିବାରୁ ଗଛ ପଡିଲେ ଏହାର ମଧ୍ୟ କ୍ଷତି ହେବା ହେବାର ଆଶଙ୍କା ରହିଛି। ଗଛର ଗଣ୍ଡି ପୋଲା ହୋଇ ଅଧାରୁ ଅଧିକ ଭାଗ ଖାଇ ଯିବା ସହ ରାସ୍ତା ଉପରକୁ ଝୁଙ୍କି ହୋଇ ରହିଥିବାରୁ ସାମାନ୍ୟ ପବନ ହେଲେ ପଡିଯିବାର ସମ୍ଭାବନା ରହିଛି।

# ଲଘୁ ଖଣିଜ ଉପରେ ନଜର ରଖିବ ଜିଲାସ୍ତରୀୟ ଟିମ୍

**ଛତ୍ରପୁର,୩।୭(ଡି.ଏନ୍.ଏ.)**

ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ହଲରେ ଭିଡିଓ କନଫରେନ୍ସରେ ରାଜସ୍ୱ ସମୀକ୍ଷା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ରଥ ଗାଁକୁ ଗାଁ ବୁଲି ଲୋକଙ୍କଠାରୁ ତହସିଲ ସମ୍ପର୍କିତ ସମସ୍ତ ଆବେଦନ ପତ୍ର ଗ୍ରହଣ ଜାରି ରଖିବା, ରାଜସ୍ୱ ରଥ ଜରିଆରେ ଲୋକେ ଯେଭଳି ଅଭିଯୋଗ ପତ୍ର ଦାଖଲ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଉପଜିଲାପାଳ ପୃଷ୍ଟି କହିଛନ୍ତି। ଯେଉଁ ମାନଙ୍କ ପଟ୍ଟା ହୋଇଯାଇଛି ସେମାନଙ୍କ ଘରକୁ ଯାଇ ପଟ୍ଟା ପ୍ରଦାନ, ସମସ୍ତ ଲଘୁ ଖଣିଜ ଖାଦାନକୁ ଯାଇ ତଦନ୍ତ କରି ଧାର୍ଯ୍ୟ ଖଣିଜଠାରୁ ଅଧିକା ନେଉଛନ୍ତି କି ଏହା ଉପରେ କଡା ନଜର ରଖିବାକୁ କୁହାଯାଇଛି। ଏହି ସବୁକୁ ତଦାରଖ କରିବା ପାଇଁ ଜିଲାସ୍ତରୀୟ ଏକ ଟିମ ଗଠନ କରାଯାଇଛି। ସମୀକ୍ଷା ବୈଠକରେ ଆସିଷ୍ଟାଣ୍ଟ କଲେକ୍ଟର ଅଶୋକ ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଅଖିଳ କୁମାର ସାବତ ଉପସ୍ଥିତ ଥିଲେ। ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଡ଼ି ହୋଇଥିଲେ।



ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ଶନିବାର ଟାକେରାଠାରେ ଚାରା ରୋପଣ କରାଯାଉଛି।

# ରାସ୍ତା ପାର୍ଶ୍ୱରେ ଚାରା ରୋପଣ

**ଦଶପଲ୍ଲା,୩।୭(ଡି.ଏନ.ଏ.)**

ବନ ମହୋତ୍ସବ ପାଳନ ଅବସରରେ ଶନିବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରାଠାରୁ ସାନ ସିଲିଙ୍ଗା ପର୍ଯ୍ୟନ୍ତ ରାସ୍ତାରେ ଚାରା ରୋପଣ କରାଯାଇଛି। ଏହି ଅବସରରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ପ୍ରଥମ ଦିବସରେ ପ୍ରାୟ ୫୦ହଜାର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ସମେତ ଟାକେରା ଫରେଷ୍ଟର ବିଜୟ କୁମାର ପ୍ରଧାନ, ମନୋଜ କୁମାର ସେଠୀ, ଫରେଷ୍ଟ ଗାର୍ଡ ଅବିନାଶ ସେନାପତି ପ୍ରମୁଖ ଯୋଗଦେଇଥିଲେ ।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି

ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

# ଅଙ୍ଗନୱାଡି ଶିଶୁଙ୍କୁ ଫିମ୍ପିମରା ବାଦାମ ଖଜା

**ନୟାଗଡ଼ ଅଫିସ,୩।୭**

ନୟାଗଡ଼ ଜିଲା ଦଶପଲ୍ଲା ଏନଏସିର ୧୦ ନଂ. ୱାର୍ଡ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ ଫିମ୍ପିମରା ବାଦାମ ଖଜା ଖାଇବାକୁ ଦିଆଯାଇଥିଲା । ଏ କଥା ଜଣାପଡିବା ପରେ ପ୍ରତିବାଦ କରାଯାଇଛି। ଏନେଇ ହରିଡାବାଡି ଗାଁର ଲୋକମାନେ ସିଡିପିଓଙ୍କୁ ଫିମ୍ପିମରା ବାଦାମ ଖଜା ଦେଖାଇବା ସହ ଅଭିଯୋଗ କରିବା ପରେ ଘଟଣା ଲୋକ ଲୋଚନକୁ ଆସିଥିଲା । ଗତ ୩୦ ତାରିଖରେ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଏହି ଫିମ୍ପି ମରା ବାଦାମ ଖଜା ବଣ୍ଟନ କରାଯାଇଥିଲା। ହେଲେ ଏଯାବତ ଏହାର ତଦନ୍ତ ହେଉ ନ ଥିବା ଅଭିଯୋଗରହିଛି ।



अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

## ସଂକ୍ଷେପରେ

### ଗଜପତିରେ ୬ ପଜିଟିଭ

**ପାରଳାଖେମୁଣ୍ଡି,୩।୭(ଡି.ଏନ୍.ଏ.):** ଗଜପତି ଜିଲାରେ ଶୁକ୍ରବାର ୧୦୪୭ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସେଥିରୁ ୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୨୦୨ରେ ପହଞ୍ଚିଛି ଥିବା ବେଳେ ୯୧୨୨ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରରୁ ୨, ମୋହନା ବ୍ଲକରେ ୨, କାଶୀନଗର ବ୍ଲକରୁ ଜଣେ ଏବଂ ନୂଆଗଡ଼ ବ୍ଲକରେ ଜଣେ ଚିହ୍ନଟ ହୋଇଛନ୍ତି। ୨୦ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

### ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ବାଲିଗୁଡ଼ା,୩।୭(ଡି.ଏନ୍.ଏ.):** ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ ଓ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବାଲିଗୁଡ଼ା ଡିଏଫଓ ବିଶ୍ୱନାଥ ନୀଳନବର ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ମେଗା ନର୍ସରୀ ପରିସରରେ ବିଭିନ୍ନ କିସମର ଔଷଧୀୟ ଓ ଫଳ ଚାରା ରୋପଣ କରାଯାଇଥିଲା। ଏଥିସହ ବୁଢ଼ାଗୁଡ଼ା ଛକ ନିକଟରେ ଏକ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର କେନ୍ଦ୍ର ଅଧିକାରୀ ସୂର୍ଯ୍ୟନାରାୟଣ ଭୋଇ, ରେଞ୍ଜର ଉଦିତ କୁମାର ପ୍ରଧାନ, ଫରେଷ୍ଟର ମାନସ କୁମାର ସାହୁ, ଗାର୍ଡ ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବେଗୁନିଆପଡ଼ା,୩।୭(ଡି.ଏନ୍.ଏ.):** କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ ରାଜ୍ୟ ମହିଳା ବିଜେଡି ଉପଦେଷ୍ଟା ଭାବେ ନିଯୁକ୍ତ ହେବା ପରେ ଗୁରୁବାର ବେଗୁନିଆପଡା ବ୍ଲକ ମହିଳା ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ପରେ ବ୍ଲକ ପରିସରରେ ଚାରା ରୋପଣ କରାଯାଇଥିଲା। ପରେ ବିଧାୟିକା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଖଣ୍ଡିଆନଈ ପଞ୍ଚାୟତର ତିରିଡାଠାରେ ବିଧାୟିକା ପାଣ୍ଠିରୁ ନିର୍ମିତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ପରେ ବେଗୁନିଆପଡାଠାରେ ଡାଇମଣ୍ଡ ଉତ୍ପାଦକ ଗ୍ରୁପର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ଦ୍ୱାରା ମିଶନ ଶକ୍ତି ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ପିଜି ପ୍ରଡକ୍ସନକୁ ଉଦ୍‌ଘାଟନ କରିଥିଲେ ବିଧାୟିକା। ଏହି ପିଜି ପ୍ରଡକ୍ସନ ଗ୍ରୁପରେ ବିଭିନ୍ନ ପ୍ରକାର ହଳଦୀଗୁଣ୍ଡ, ମସଲାଗୁଣ୍ଡ, ଡାଲି, ଲଙ୍କାଗୁଣ୍ଡ, ପେପର ପ୍ଲେଟ ଆଦି ମେଶିନ ଦ୍ୱାରା ତିଆରି କରି ବିକ୍ରି କରିବେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ। ସେହିପରି ଚିଙ୍ଗୁଡ଼ିଖୋଲ ଗ୍ରାମର କ୍ୟାନ୍‌ସର ପୀଡ଼ିତ ଗୋପାଳ ମୁଦୁଲିଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଉତ୍ତମ ଚିକିତ୍ସା ପାଇଁ ସହାୟତା କରିବେ ବୋଲି କହିଥିଲେ। ଏହା ପରେ ବେରୁହାବାଡ଼ି ଗ୍ରାମରେ କୋଠଘର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କେ. ରାଜଲକ୍ଷ୍ମୀ ଦୋରା, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ଗୀତାଞ୍ଜଳି ଭୂୟାଁ, ବ୍ଲକ ମହିଳା ବିଜେଡି ସଭାପତି ମଧୁମିତା ସାହୁ, ବିଡିଓ ବେଦବର ପ୍ରଧାନ, ମିଶନ ଶକ୍ତି ବ୍ଲକ କୋଅର୍ଡିନେଟର ଦିଲ୍ଲୀପ ବେହେରା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

# ମୋ ନିବେଦନରେ ସମସ୍ୟା ବୁଝିଲା ପ୍ରଶାସନ

**ଛତ୍ରପୁର/ଆସିକା/ ହିଞ୍ଜିଳିକାଟୁ,୩।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ପ୍ରଶାସନର ନିଜସ୍ୱ ଉଦ୍ୟମରେ ପ୍ରତି ପଞ୍ଚାୟତରେ ପୁଣି ଥରେ 'ମୋ ନିବେଦନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମସ୍ତ ଯୋଜନାକୁ ଲୋକାଭିମୁଖୀ, ସହଜ ଓ ସରଳୀକୃତ କରିବା ସହ ଜନସାଧାରଣଙ୍କ ନିକଟକୁ ଯାଇ ସମସ୍ୟା ସମାଧାନ କରିବା ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। 'ମୋ ନିବେଦନ' କାର୍ଯ୍ୟକ୍ରମରେ ଆବାସ ଯୋଜନାଠାରୁ ଆରମ୍ଭ କରି ରାଶନ କାର୍ଡ, ଭତ୍ତା ଓ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦେବାକୁ ଲୋକେ ନିବେଦନ କରୁଛନ୍ତି। କରୋନା କଟକଣାକୁ ଦୃଷ୍ଟିରେ ରଖି ଭିଡିଓ କନଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହେଉଛି। ଶନିବାର ଛତ୍ରପୁର, ଆସିକା ଓ ହିଞ୍ଜିଳିକାଟୁ ବ୍ଲକର କେତେକ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଛି।

ଛତ୍ରପୁର ବିଡ଼ିଓ ଅମ୍ବିକା ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ସୁନ୍ଦରପୁର, ଟାଙ୍ଗଣାପଲ୍ଲି, କଣମଣା ଓ ମହାନାଦପୁର ପଞ୍ଚାୟତକୁ ନେଇ ମୋ ନିବେଦନ କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ଉପରୋକ୍ତ ୪ ପଞ୍ଚାୟତର ମୋଟ ୧୦୫ ଜଣ ଭିସିରେ



ଆସିକାର ବାବନପୁର ପଞ୍ଚାୟତରେ ମୋ ନିବେଦନ କାର୍ଯ୍ୟକ୍ରମ।

ଯୋଡ଼ି ହୋଇ ନିଜ ସମସ୍ୟା ଜଣାଇଥିଲେ। ତୁରନ୍ତ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ସେହିପରି ଆସିକା ବ୍ଲକର ଆଳିପୁର, ବାବନପୁର, ବାଲିସିରା, କେନ୍ଦୁପଦର, ପାଣ୍ଡିଆପଥର, ଗୁଣ୍ଡପଡା ଓ ଖଣ୍ଡଦେଉଳି ପଞ୍ଚାୟତରେ ଭର୍ଚୁଆଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୨୪୧ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରେ ଏଜିଏନଆରଇଜିଏସ ସମ୍ପର୍କିତ ୩ଟି, ଗ୍ରାମ୍ୟ ଆବାସ ଯୋଜନା ସମ୍ପର୍କିତ ୧୧୯ଟି, ବିଭିନ୍ନ ପ୍ରକାର ଭତ୍ତା ନିମନ୍ତେ ୮୧ଟି ଓ ୩୮ଟି ବିଭିନ୍ନ ବିଭାଗୀୟ ଅଭିଯୋଗ ରହିଛି। ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବିଡିଓ ରୋସନ ଶତପଥୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସିକା ତହସିଲଦାର ସଦାନନ୍ଦ ସେଠୀ, ସିଡିପିଓ ଭାରତୀ ମହାପାତ୍ରଙ୍କ ସମେତ ସ୍ୱାସ୍ଥ୍ୟ, ପ୍ରାଣୀଧନ, ଉଦ୍ୟାନ, ଜୀବିକା ମିଶନ, ଯୋଗାଣ ବିଭାଗର ଅଧିକାରୀମାନେ ସାମିଲ ଥିଲେ । ହିଞ୍ଜିଳିକାଟୁ ବ୍ଲକର ଭାବନ୍ଧ, ଶାସନଆମ୍ବଗାଁ, ରାଳବ ଓ ଚାନ୍ଦୁଲି ପଞ୍ଚାୟତରେ ମଧ୍ୟ ମୋ ନିବଦେନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୯୧ ଜଣଙ୍କ ଶୁଣାଣି ଓ ଆବେଦନ ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ସୁବ୍ରତ କୁମାର ଜେନା, ଏବିଡିଓ ଅରୁଣ କୁମାର ପ୍ରଧାନ, ଯୋଗାଣ ଅଧିକାରୀ ପୁରଞ୍ଜୟ ସାହୁ, ବ୍ଲକ କୃଷି ଅଧିକାରୀ ବଳରାମ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ଶନିବାର ପ୍ରତ୍ୟେକ ବ୍ଲକର କେତେକ ପଞ୍ଚାୟତରେ ଏଭଳି ଅନ୍‌ଲାଇନରେ ଅଭିଯୋଗର ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।

# ସରକାରଙ୍କ ଅପାରଗତାକୁ ନେଇ ବର୍ଷିଲେ ଭୃଗୁ

## ବଂଶଧାରା ନଦୀଜଳ ବିବାଦ

**ପାରଳାଖେମୁଣ୍ଡି,୩।୭(ଡି.ଏନ୍.ଏ.)**

ବଂଶଧାରା ନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲଙ୍କ ରାୟ ଆନ୍ଧ୍ରପ୍ରଦେଶ ସପକ୍ଷରେ ଯାଇଛି। ରାୟର ୧୩ ଦିନ ପରେ ବି ଓଡିଶା ସରକାର ଚୁପ ରହିଛନ୍ତି। ସରକାର ରାୟ ସପକ୍ଷରେ ନା ବିପକ୍ଷରେ ଅଛନ୍ତି ତାହା ଜଣାପଡୁନି। ଶନିବାର ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ପାରଳାଖେମୁଣ୍ଡିରେ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ଏଭଳି ବର୍ଷିଛନ୍ତି । ସେ କହିଛନ୍ତି, ଶୁକ୍ରବାର ଘଟଣାସ୍ଥଳ ବୁଲି ଦେଖିବା ପରେ ଜାଣିବାକୁ ପାଇଲୁ ଯେ, ଆନ୍ଧ୍ର ସରକାର ନେରେଡ଼ିଠାରେ ବ୍ୟାରେଜ୍ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ଏ ସମ୍ପର୍କରେ ଗୋଇନ୍ଦା ବିଭାଗ ପାଖରେ କୌଣସି ଖବର ନାହିଁ । ଉକ୍ତ ପ୍ରକଳ୍ପ ହେଲେ ଗଜପତି ଓ ରାୟଗଡା ଜିଲାର ଦୁଇ ହଜାର ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ପ୍ରଭାବିତ ହେବ । ଅଞ୍ଚଳର ଚାଷୀ, ମୂଳିଆ, ଖଟିଖିଆ ଓ ଆଦିବାସୀମାନେ ବାସ ଓ ଜୀବୀକା ହରାଇବେ। ଗୁଣୁପୁର, ଗୁଡାରୀ ଆଦି ବଂଶଧାରା ନଦୀ ପ୍ରବାହିତ ଅଞ୍ଚଳଗୁଡିକ ବର୍ଷା ଦିନେ ନିଶ୍ଚିତ ଭାବେ ବୁଡ଼ି ରହିବ । ରାୟଗଡାର ଗୁଡାରୀରେ ଯଦି ପୂର୍ବରୁ ପ୍ରସ୍ତାବିତ ପାଣିଡଙ୍ଗର ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ଏବେ ଆନ୍ଧ୍ର ସରକାର ବ୍ୟାରେଜ ପାଇଁ ପଦକ୍ଷେପ ନେଇ ନ ଥାନ୍ତେ। ପାଣିଡଙ୍ଗର ଜଳସେଚନ ପ୍ରକଳ୍ପ ପାଇଁ ପାଇଁ ବହୁ ବର୍ଷ ପୂର୍ବେ ଶିଳାନ୍ୟାସ ଦିଆଯାଇଥିଲା। ହେଲେ ଏ ଯାଏ ତାହା ହେଲା ନାହିଁ। ଓଡିଶାର ଜମି, ନଦୀ, ବାଲି ଆଦିକୁ ଆନ୍ଧ୍ର ଦଖଲ କରି ଚାଲିଥିବା ବେଳେ ରାଜ୍ୟ ସରକାର ଚୁପ ବସିଛନ୍ତି ବୋଲି ବକ୍ସିପାତ୍ର ପ୍ରକାଶ କରିଥିଲେ । ଖବରଦାତା ସମ୍ମିଳନୀରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ. ସୀମାଦ୍ରୀ, ବରିଷ୍ଠ ଭାଜପା ନେତା ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ।

# ସୁନା ଲୁଟ ଘଟଣା, ଅଭିଯୁକ୍ତ ଗିରଫ

**ଛତ୍ରପୁର,୩।୭(ଡି.ଏନ.ଏ.)**

ଛତ୍ରପୁର ମା' ଶାରଳା ସୁନା ଦୋକାନୀ ଦମ୍ପତିଙ୍କୁ ଆକ୍ରମଣ କରି ଗହଣା ଓ ଟଙ୍କା ଲୁଟ ଏବଂ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେ ହେଲେ ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହିର ସୁରଜ ପାଢୀ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତ। ୨୦୨୦ ଅଗଷ୍ଟ ୨୬ ତାରିଖ ରାତିରେ ମା' ଶାରଳା ସୁନା ଦୋକାନୀ ଦମ୍ପତିଙ୍କୁ କୋର୍ଟ ଷ୍ଟେସନ ଗଳାଶଙ୍ଖ ନିକଟରେ ଆକ୍ରମଣ କରି ଦୁର୍ବୃତ୍ତ ସୁନା,ରୂପା ଓ ଟଙ୍କା ନେଇ ପଳାଇଥିଲେ।। ଏ ନେଇ ଛତ୍ରପୁର ଥାନାରେ ନଂ.୨୫୪/୨୦ରେ ମାମଲା ରୁଜୁ ହୋଇଥିଲା । ସେହିପରି ଡିସେମ୍ବର ୧୪ରେ ସ୍ପଷ୍ଟଦିବାଲୋକରେ ଜାମସେଦପୁରପୁରର ଆଶା ଦେବୀଙ୍କ ଠାରୁ ପାତ୍ରସାହି ନିକଟରୁ ସୁନା ଚେନ ଓ ମାଳିକୁ ଦୁର୍ବୃତ୍ତ ଝାମ୍ପି ନେଇଥିଲେ । ଏନେଇ ଥାନାରେ ୩୭୮/୨୦ରେ ମାମଲା ରୁଜୁ ହୋଇଥିଲା । ଏହି ଦୁଇ ଘଟଣାରେ ପୂର୍ବରୁ ବ୍ରହ୍ମପୁରର ଶିବ ମହାନ୍ତି ଗିରଫ ହୋଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ସୂରଜଙ୍କୁ ଗିରଫ କରାଯାଇଛି।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଗୋଷାଣୀ,୩।୭**

ଗୋଷାଣୀ ବ୍ଲକ ବଡ଼ଗୋଷାଣୀ ହାଇସ୍କୁଲର ଶିକ୍ଷକ ବୁଡ଼ିତି ମହନ ରାଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଇଓ ବ୍ରଜ କୁମାର ନାୟକ, ଏବିଇଓ ଶିବାଜୀ କହଁର, ଏବିଇଓ ଆଦିକନ୍ଦ ଗମାଙ୍ଗ, ପ୍ରଧାନ ଶିକ୍ଷକ ଏଲ.ଲୋକନାଥଙ୍କ ସମେତ ବିଆର୍‌ସିସି, ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ବିଦାୟୀ ଶିକ୍ଷକ ରାଓ ଆଦର୍ଶ ଶିକ୍ଷକ ରୂପେ ପରିଚିତ ଥିଲେ ବୋଲି ପ୍ରକାଶ କରିଥିଲେ। ସେହିପରି ଗାରାବନ୍ଧ ୟୁପି ସ୍କୁଲର ଶିକ୍ଷକ କ୍ଷେତ୍ରବାସୀ ଜେନାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇ ଶିକ୍ଷକଙ୍କୁ ଉପଢ୍ୌକନ ଓ ଭଗବତ ଗୀତା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦରଦାମ୍ ବୃଦ୍ଧିକୁ ନେଇ ପ୍ରତିବାଦ ସଭା

**ଆର.ଉଦୟଗିରି,୩।୭(ଡି.ଏନ୍.ଏ.)**

ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ଦର ବୃଦ୍ଧି ବିରୋଧରେ ସିପିଆଇ(ଏମ୍) ଗଜପତି ଜିଲା ଶାଖା ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆର.ଉଦୟଗିରି ବ୍ଲକ ଅଧୀନ ଖମ୍ବାରିସାହି ଓ ବସ୍ତିରିଗୁଡା, ମୋହନା ବ୍ଲକର ଟାଙ୍ଗଲିପଦର ଓ ଲବାରସିଂ ଗ୍ରାମରେ ପ୍ରତିବାଦ ସଭା କରାଯାଇଛି। କରୋନା ଭଳି ମହାମାରୀ ସମୟରେ ଦରଦାମ୍ ବୃଦ୍ଧି ଲୋକଙ୍କୁ ଅଧିକ ପ୍ରଭାବିତ କରୁଛି। ଗତବର୍ଷ ତୁଳନାରେ ତେଲ ଦର ଲିଟର ପିଛା ଦୁଇ ଗୁଣ ବଢ଼ିଛି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଅନ୍ୟ ସାମଗ୍ରୀର ଦର ବଢ଼ାଇଛି। ତେଲ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଏବଂ ଔଷଧର ଦର ବୃଦ୍ଧି ନିୟନ୍ତ୍ରଣ କରିବା, ସମସ୍ତ କିଣିଖିଆ ପରିବାରକୁ ମୁଣ୍ଡପିଛା ୧୦ କେଜି ଚାଉଳ, ଗହମ ମାଗଣାରେ ଯୋଗାଇବା, ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ୭ ହଜାର ୫୦୦ ଟଙ୍କା ୬ ମାସ ପର୍ଯ୍ୟନ୍ତ ଦେବା ଓ ସମସ୍ତଙ୍କୁ କୋଭିଡ୍ ଟିକା ମାଗଣାରେ ପ୍ରଦାନ କରିବାକୁ ସିପିଆଇ(ଏମ୍) ଦାବି କରିଛି। ପ୍ରତିବାଦ ବେଳେ ସିପିଆଇ(ଏମ୍) ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ନାଗେଶ ଶବର, କେ.ମିନାରାଓ, ତ୍ରିନାଥ ରଇତ, ସୁରେନ୍ଦ୍ର ମଳିକ, କାଳିକ ଶବର, ପାତ୍ରିକ ପ୍ରଧାନ ଓ ସିମିନ୍ଦ୍ର ଶବର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିବାଦ ସଭା।

# ଆହାର କେନ୍ଦ୍ର ଉଦ୍‌ଘାଟିତ

**ପୁରୁଷୋତ୍ତମପୁର,୩।୭(ଡି.ଏନ.ଏ.)**

ପୁରୁଷୋତ୍ତମପୁର ଏନ୍‌ଏସି ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ନୂତନ ଆହାର କେନ୍ଦ୍ର ଶନିବାର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉଦଘାଟିତ ହୋଇଯାଇଛି। ଏହାକୁ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ବିଜୟ କୁମାର ବେହେରା, ଦୈତାରୀ ବେହେରା, ପୂର୍ବତନ କାଉନସିଲ ଅଶୋକ କୁମାର ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ସ୍ମୃତି ରଞ୍ଜନ ଷଡଙ୍ଗୀ, ଅଞ୍ଜଳି ପାଢୀ, ରାକେଶ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟିକା ଓ ଅନ୍ୟମାନେ।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା

**ରାୟଗଡ଼(ଗଜପତି), ୩।୭(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମା ଠାରେ ରାଧାକୃଷ୍ଣ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧୌତ ବେଦାନ୍ତ ଆଶ୍ରମ ଗୁଣୁପୁରର ପଣ୍ଡିତ ନଳନୀକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ମହେନ୍ଦ୍ର ଆଶ୍ରମର ସାଧକ ସ୍ୱାମୀ ଭାସ୍କର ତୀର୍ଥ, ବାବା ନକୁଳ ପୁରୀ, ପଣ୍ଡିତ ଅମରନାଥ ଚୌଧୁରୀ, ବିକ୍ରମ ମହାନ୍ତି, ସାଇରାମ ପାଢୀଙ୍କ ଦ୍ୱାରା ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି।

# ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ଅଭିଯୋଗ

**ଗଞ୍ଜାମ,୩।୭(ଡି.ଏନ୍.ଏ.):** ଗଞ୍ଜାମ ବ୍ଲକ କାଇଞ୍ଚପୁର ପଞ୍ଚାୟତ କଲ୍ୟାଣପୁର ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର (୨)ରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତମାନେ ପଶି ଭଙ୍ଗାରୁଜା କରିବା ସହ ପାଣି ପାଇପ୍ ଟ୍ୟାପ ଚୋରି କରିଛନ୍ତି। ଏ ନେଇ ଅଙ୍ଗନୱାଡି କର୍ମୀ ଆର. ଲୀଳାବତୀ ଗଞ୍ଜାମ ଥାନାରେ ଅଭିଯୋଗ କରିବା ସହ ସିଡିପିଓ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଜଣାଇଛନ୍ତି। ସୂଚନାଥାଉ କି, ଅଞ୍ଚଳରେ ମଦ କାରବାର ବୃଦ୍ଧି ପାଉଥିବାରୁ ମଦ୍ୟପମାନେ ବିଭିନ୍ନ ସମୟରେ ଚୋରି କରୁଥିବା ଅଭିଯୋଗ ହୋଇଆସୁଛି। ପୋଲିସ ଦୁର୍ବୃତ୍ତମାନଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ସୁରଙ୍ଗି ଗ୍ରାମ୍ୟ ରାସ୍ତା ପାଲଟିଛି ମରଣଯନ୍ତା

## ୧୫ ବର୍ଷ ହେଲା ମରାମତି ହେଉନି

**ପାରଳାଖେମୁଣ୍ଡି,୩।୭(ଡି.ଏନ୍.ଏ.)**

ରାସ୍ତା ଥାଇ ନଥିବା ପରି। କେଉଁଠି ପିଚୁ ଉଠିଯାଇଛି ତ ଆଉ କେଉଁଠି ମେଟାଲ ଉଠି ରହିଛି। ଆଉ କେଉଁଠି ରାସ୍ତା ଧୋଇ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ହୋଇଛି। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ଗୁମ୍ମା ବ୍ଲକର ଦୁର୍ଗମ ଅଞ୍ଚଳ ସୁରଙ୍ଗି ଗ୍ରାମରେ। ପାହାଡ଼ ଜଙ୍ଗଲଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୀର୍ଘ ୧୫ ବର୍ଷ ଧରି ରାସ୍ତା ମରାମତି ହୋଇ ନ ଥିବାରୁ ସୁରଙ୍ଗି ଅଞ୍ଚଳର ୧୦ରୁ ଅଧିକ ଗ୍ରାମର ୪ ହଜାର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୦୬ରେ ନାମନଗଡଠାରୁ ସୁରଙ୍ଗି ପର୍ଯ୍ୟନ୍ତ ୭ କିମି ରାସ୍ତା ନିର୍ମାଣ ହୋଇଥିଲା। ହେଲେ ବର୍ତ୍ତମାନ ଏହି ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇ ଯାଇଥିବାରୁ ଯାତାୟାତ କଷ୍ଟକର ହୋଇପଡିଛି। ଅପରପକ୍ଷେ ଅନୁନ୍ନତ ଅଞ୍ଚଳର ସମସ୍ୟା ସମାଧାନ ନିମନ୍ତେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିକାଶର ଧାରାକୁ ଆଗେଇ ନେଉଛନ୍ତି। ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ ବି ହେଉଛି। ରାସ୍ତାର ପୁନଃ ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। କିନ୍ତୁ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଉକ୍ତ ରାସ୍ତା କାମ ଆରମ୍ଭ ହୋଇନାହିଁ। ବିଭାଗ ପକ୍ଷରୁ ଏନେଇ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ସରପଞ୍ଚ। ତେବେ ବିଭାଗୀୟ ଅଧିକାରୀ ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି ।


ମେଟାଲ ଉଠିଯାଇଥିବା ସୁରଙ୍ଗି ଗ୍ରାମ୍ୟ ରାସ୍ତା ।

# କନ୍ଧମାଳ: ପୁଟୁକୁଲି, ଶ୍ରାବଣ କଡ଼ିର ଚାହିଦା

**ବୈଦ୍ୟନାଥ ବେହେରା**
**ଖଜୁରିପଡ଼ା,୩।୭(ଡି.ଏନ.ଏ.)**

କନ୍ଧମାଳ ଜିଲାରେ ବର୍ଷା ଋତୁରେ ଅନେକ ପ୍ରାକୃତିକ ଜିନିଷ ମିଳିଥାଏ। ଯାହାକୁ ଲୋକେ ବର୍ଷସାରା ଅପେକ୍ଷା କରିଥାଆନ୍ତି। ସେଗୁଡିକ ହେଲା ପୁଟୁକୁଲି ଛତୁ, ବାଉଁଶ କରଡ଼ି ଏବଂ ସବୁଠାରୁ ଆକର୍ଷଣୀୟ ଖାଦ୍ୟ ହେଲା ଶ୍ରାବଣ କଡ଼ି। ଏହାକୁ ଜିଲା ଏବଂ ଜିଲା ବାହାରର କିଛି ଲୋକ ଅପେକ୍ଷା କରି ରହିଥାଆନ୍ତି। ସେଥିପାଇଁ ବଜାରକୁ ଆସିବା ପରେ ଏହାର ଚାହିଦା ଖୁବ୍ ବଢିଯାଏ। ଏହାକୁ ବିକ୍ରିକରି ଜିଲାର ବ୍ୟବସାୟୀମାନେ ପ୍ରଚୁର ଭାବରେ ଲାଭବାନ ହୋଇଥାଆନ୍ତି। କନ୍ଧମାଳ ଜିଲାରେ ବର୍ଷା ଦିନରେ ଜଙ୍ଗଲଜାତ ବନଜାତ ଖାଦ୍ୟ ସାମଗ୍ରୀ ଭାବେ ପ୍ରସିଦ୍ଧ ଶ୍ରାବଣ କଡ଼ି ବା ଶ୍ରାବଣ ଛତୁ। ଏହି ଛତୁ ଜଙ୍ଗଲର ଚିକିଟା ମାଟି କିମ୍ବା ଉଈହୁଙ୍କା ଚାରିପଟରେ ହୋଇଥାଏ। ଏହି ଛତୁରେ ପ୍ରଚୁର ପରିମାଣରେ ପ୍ରୋଟିନ୍, କ୍ୟାଲସିୟମ, ପୋଟାସିୟମ,


କନ୍ଧମାଳ ଜିଲାରେ ବର୍ଷା ଦିନେ ହୋଇଥିବା ଶ୍ରାବଣ କଡ଼ି ।

ଭିଟାମିନ ବି, ସି ଏବଂ ଡି ରହିଛି। ଏଥିରେ ଫସଫରସ, ସେଲେନିୟମ ଏବଂ ଲୌହ ସାର ରହିଥିବାରୁ ଏହା ସ୍ୱାସ୍ଥ୍ୟ ପକ୍ଷରେ ହିତକାର ଓ ପୁଷ୍ଟିକର ହୋଇଥାଏ। ତେଣୁ ଏହାର କିଲୋ ପିଛା ଦର ୪ ଶହରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ହେଲେ ଜଙ୍ଗଲରୁ ସଂଗ୍ରହ କରିଥିବା ଗ୍ରାମାଞ୍ଚଳର ଲୋକେ ସେମାନଙ୍କ ପ୍ରକୃତ ମୂଲ୍ୟ ପାଇପାରନ୍ତି ନାହିଁ। ଜିଲାର ଜଙ୍ଗଲରେ ଅଧିକ ମାତ୍ରାରେ ଶାଳ ଗଛ ଥିବାରୁ ଏଠାରେ ପୁଟୁକୁଲି ଛତୁ ଅଧିକ ମାତ୍ରାରେ ମିଳିଥାଏ। ଜିଲାର ଗ୍ରାମାଞ୍ଚଳର ଲୋକେ ଏବଂ ମହିଳାମାନେ ଶାଳ ଜଙ୍ଗଲରୁ ଏହାକୁ ସଂଗ୍ରହ କରି ଆଣି ଥାଆନ୍ତି ସହରରେ ବିକିବାକୁ। ଏହାର କିଲୋ ପିଛା ଦର ପ୍ରାୟ ଦୁଇ ଶହରୁ ତିନି ଶହ ଟଙ୍କା ରହିଥାଏ।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ଡାକ୍ତର ଗିରଫ

**ଗୋପାଳପୁର,୩।୭**

ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗୋଳନ୍ଥରା ପୋଲିସ ଶନିବାର କେଲୁଆପୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଛତ୍ରପୁର ନିକଟସ୍ଥ ମାଧପୁରା ଗ୍ରାମର ଏମ୍.ସତ୍ୟଜିତ ସୁବୁଦ୍ଧି (୩୩)। ୨୦୧୭ ଜାନୁୟାରୀରେ ଜି.ଉଦୟଗିରିର ଏସ୍.ଦେବସ୍ମିତା ପାତ୍ରଙ୍କ ସହିତ ସତ୍ୟଜିତଙ୍କ ବିବାହ ହୋଇଥିଲା। ପୂର୍ବଭଳି ଶୁକ୍ରବାର ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସତ୍ୟଜିତ କୌଣସି କାମରେ ବଜାରକୁ ଯାଇଥିବା ବେଳେ ଦେବସ୍ମିତା ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସେ ଗୋଳନ୍ଥରା ଥାନାରେ ଜଣାଇଥିଲେ। ଅନ୍ୟପଟେ ଝିଅକୁ ହତ୍ୟା କରାଯାଇଥିବା ନେଇ ଦେବସ୍ମିତାଙ୍କ ବାପାଙ୍କ ଏତଲାକ୍ରମେ ପୋଲିସ ନଂ. ୧୭୮/୨୧ରେ ମାମଲା ରୁଜୁ କରି ସତ୍ୟଜିତଙ୍କୁ ଅଟକ ରଖିଥିଲା।